## ଭାରତୀୟ ପ୍ରଶାସନିକ ସେବାରେ ପ୍ରଜ୍ଞାନନ୍ଦନଙ୍କ ସଫଳତା



ବିଶୋଇ, ୧୯ ।୧୨ (ସମିସ): ଭାରତୀୟ ପ୍ରଶାସନିକ ସେବାରେ ମୟୂରଭଞ୍ଜ ମାଟିର ପୁଅ ପ୍ରଜ୍ଞାନନ୍ଦନ ଗିରି ୨୪ ନମ୍ବର ର୍‌ୟାଙ୍କ ପାଇ ସଫଳତା ହାସଲ କରିଛନ୍ତି। ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଅଞ୍ଚଳର ଦିଲ୍ଲୀପ କୁମାର ଗିରି ଓ ମିରାବାଳାଙ୍କ ସୁପୁତ୍ର। ବାପା ଦିଲ୍ଲୀପ ଚମ୍ପୁଆ ଆଇଟିଡିଏରେ ସହକାରୀ ନିର୍ବାହୀ ଯନ୍ତ୍ରୀଭାବରେ କାର୍ଯ୍ୟରତ ଥିବାବେଳେ ମା' ମିରାବାଳା ଗୃହିଣୀ। ପିଲାବେଳୁ ପ୍ରଶାସନିକ ସେବାକୁ ନିଜ ଜୀବନର ବ୍ରତ କରିଥିବା ପ୍ରଜ୍ଞାନନ୍ଦନ କରଞ୍ଜିଆ ଶିଶୁ ବିଦ୍ୟାମନ୍ଦିରରେ ନିଜର ଉଚ୍ଚଶିକ୍ଷା ସମାପ୍ତ କରିଥିଲେ। ପରେ ଭୁବନେଶ୍ୱର ନାଇଜରରେ ଇଣ୍ଟିଗ୍ରେଟେଡ଼ ଏମ୍.ଏସ୍.ସିରେ ସ୍ନାତକ ପାଠ୍ୟକ୍ରମ ସମାପ୍ତି ପରେ ପ୍ରଶାସନିକ ସେବା କ୍ଷେତ୍ରରେ ସଫଳତା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ଗତ ୨୦୨୨ ବ୍ୟାଚ ଓଡ଼ିଶା ପ୍ରଶାସନିକ ସେବାରେ ସଫଳତା ପାଇ ପ୍ରଜ୍ଞାନନ୍ଦନ ବରଗଡ଼ ଜିଲ୍ଲାରେ ୬ ମାସ ଧରି ଡେପୁଟି କଲେକ୍ଟର ଭାବରେ କାର୍ଯ୍ୟରତ ଥିଲେ। ପରବର୍ତ୍ତୀ ସମୟରେ ସେ ଭାରତୀୟ ପ୍ରଶାସନିକ ସେବାରେ ୨୪ ନମ୍ବର ର୍‌ୟାଙ୍କ ପାଇଛନ୍ତି। ଏହି ସଫଳତା ଜିଲ୍ଲା ତଥା ରାଜ୍ୟର ଗୌରବ ବଢ଼ାଇଛନ୍ତି।

## ନାବାଳିକାକୁ ଅସଦାଚରଣ କରି ଗୁଣିଆ ଗିରଫ

କଳାବାଡିଆ, ୧୯।୧୨(ସମିସ): ବାଙ୍ଗିରିପୋଷି ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ କାମାନ୍ଧ ଗୁଣିଆ ଅସଦାଚରଣ କରି ଗିରଫ ହୋଇଛି। ନାବାଳିକା ଜଣକ ଦୀର୍ଘଦିନର ପେଟବ୍ୟଥାକୁ ଭଲ କରିଦେବାର ପ୍ରତିଶ୍ରୁତି ଦେଇଥିଲା ଗୁଣିଆ। ସେଥିପାଇଁ ଏକୁଟିଆ ଗୋଟିଏ କୋଠରୀରେ ନାବାଳିକାଙ୍କୁ ତେଲ ଦେଇ ମାଲିସ ସମୟରେ ଗୁଣିଆ ଅସଦାଚରଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ପୁଲିସ ଗୁଣିଆକୁ ଗିରଫ କରିଛି। ଗୁରୁବାର ଡାକ୍ତରୀ ମାଇନା ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### କେନ୍ଦୁଜିଆଣି ହତ୍ୟା ଘଟଣାର ପର୍ଦ୍ଦାଫାସ; ୨ ଗିରଫ

# ଧାର ଟଙ୍କା ନ ଦେବାରୁ ପୋଡ଼ି ମାରିଦେଲେ

ଠାକୁରମୁଣ୍ଡା/ମହୁଲଡିହା, ୧୯।୧୨ (ସମିସ): ଠାକୁରମୁଣ୍ଡା ଥାନା ଅନ୍ତର୍ଗତ କେନ୍ଦୁଜିଆଣୀ ସାପ୍ତାହିକ ହାଟରୁ ଅଧାପୋଡା ଶବ ଘଟଣାରେ ପୁଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏ ନେଇ ପୁଲିସ ପକ୍ଷରୁ ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଦୁଇ ଗିରଫ ଅଭିଯୁକ୍ତ ହେଲେ ରଣଜିତ ମହାନ୍ତ (୨୯) ଓ ଘନଶ୍ୟାମ ଜାମୁଦା (୨୩)। ଅଭିଯୁକ୍ତମାନେ ପୁଲିସ ଉପସ୍ଥିତିରେ କିଭଳି ହତ୍ୟା କରିଥିଲେ ସେ ନେଇ ସିନ ରିକ୍ରିଏସନ କରିଥିଲେ।

ଘଟଣାରୁ ପ୍ରକାଶ ଯେ, ଗତ ୧୬ ତାରିଖରେ କେନ୍ଦୁଜିଆଣିସ୍ଥିତ ସାପ୍ତାହିକ ହାଟରେ ଭଦ୍ରୁ ମହାନ୍ତଙ୍କୁ ହତ୍ୟା ପରେ ସନ୍ଧ୍ୟାରେ ପୋଡି ଦିଆଯାଇଥିଲା। ଏହି ଖବର ପୁଲିସ ନିକଟରେ ପହଞ୍ଚିବା ପରେ ରାତିରୁ ଅନୁସନ୍ଧାନ ଆରମ୍ଭ କରିଥିଲା। ହାଣ୍ଡିଆ ହାଟରେ ଘଟଣା ଘଟିଥିବାରୁ ମଦ ବିକୁଥିବା ଲୋକଙ୍କୁ ଟାର୍ଗେଟ କରିଥିଲା। ତେବେ ଅନୁସନ୍ଧାନରୁ ପୁଲିସ ଜାଣିପାରିଲା ଯେ, ରଣଜିତ ଏବଂ ଘନଶ୍ୟାମଙ୍କ ସହିତ ଭଦ୍ରୁ ମହାନ୍ତଙ୍କ ଗଣ୍ଡଗୋଳ ହୋଇଥିଲା। ଘନଶ୍ୟାମ ସହିତ ମଧ ପୂର୍ବରୁ କ୍ରିକେଟ ଖେଳ ସମୟରେ ଭଦ୍ରୁ ଗାଳି ଦେଇଥିବାରୁ ଘନଶ୍ୟାମର ରାଗ ଥିଲା। ଭଦ୍ରୁ ପୂର୍ବରୁ ରଣଜିତ ପାଖରୁ ଚଣା ଖାଇ ୨୦ ଟଙ୍କା ଦେଇ ନ ଥିବାରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଫଳରେ



ରଣଜିତ ଉତ୍ତ୍ୟକ୍ତ ହୋଇ ଭଦ୍ରୁଙ୍କ ତଣ୍ଟି ଚିପି ଦେବାରୁ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ପରେ ରଣଜିତ ଓ ଘନଶ୍ୟାମ ମିଶି ହାଟପାଖ ଧାନ ବିଲରେ ଥିବା ନଡା ପକାଇ ପୋଡି ଦେଇଥିଲେ। ସମସ୍ତ ଅଭିଯୁକ୍ତଙ୍କ ଘର କେନ୍ଦୁଜିଆଣୀ ନିକଟସ୍ଥ ଜଡିବିଲ ଗ୍ରାମରେ। ଭଦ୍ରୁ ମହାନ୍ତଙ୍କ ଝିଅ ୧୭ ତାରିଖରେ ଏତଲା ଦେବା ପରେ ଠାକୁରମୁଣ୍ଡା ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ ଏବଂ ଏଏସଆଇ ରତ୍ନାକର ବାରିକ ଘଟଣାର ଦଦନ୍ତ କରିଥିଲେ। ଆଜି ଠାକୁରମୁଣ୍ଡା ଥାନା ପରିସରରେ କରଞ୍ଜିଆ ଉପଖଣ୍ଡ ପୁଲିସ ଅଧିକାରୀ ସୁବ୍ରତ କୁମାର ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

## ବେତନଟୀ ରେଞ୍ଜ ବୁଲିଲେ ଆଇଆଇଏଫ୍‌ଏମ୍‌ର ୧୧ ଛାତ୍ରଛାତ୍ରୀ



ବେତନଟୀ/ବୈଶିଙ୍ଗା, ୧୯।୧୨(ସମିସ): ମଧ୍ୟପ୍ରଦେଶର ଭୋପାଳସ୍ଥିତ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ଫରେଷ୍ଟ ମ୍ୟାନେଜମେଣ୍ଟ (ଆଇଆଇଏଫଏମ)ରେ ଅଧ୍ୟୟନରତ ୧୧ଜଣ ଛାତ୍ରଛାତ୍ରୀ ମଙ୍ଗଳବାର ବେତନଟୀ ରେଞ୍ଜ ଗସ୍ତକରି ବାଉଁଶ ଶିଳ୍ପ କାରିଗରୀ ଏବଂ ଶାଳପତ୍ର କ୍ଲଷ୍ଟର ପରିଦର୍ଶନ କିରିଛନ୍ତି। ଦଳକି ଏବଂ ପାଟପୁର ଜଙ୍ଗଲରେ ବିଚରଣ କରୁଥିବା ୪୩ ଟିକିଆ ହାତୀପଲର କିଭଳି ଗତିବିଧି ଅନୁଧ୍ୟାନ କରାଯାଉଛି ଏବଂ ସେମାନଙ୍କ ଚଲାପଥକୁ ବାଧାମୁକ୍ତ ରଖାଯିବା ସହିତ ଜନସାଧାରଣଙ୍କୁ କିପରି ସଚେତନ କରାଯାଉଛି ସେସବୁକୁ ନିକଟରୁ ଅନୁଭବ କିରିଥିଲେ। ପରେ ବୁଧବାର ପ୍ରଥମେ ଦହିକୋଟୀ ପଞ୍ଚାୟତ ଅଧୀନ ଭାଲିଆର ବାଉଁଶ ଶିଳ୍ପ ପ୍ରତିଷ୍ଠାନ ପରିଦର୍ଶନ କରିଥିଲେ। ଏହାପରେ ବୈଶିଙ୍ଗା ଅଧୀନ ବର୍ଡନାଠାରେ ମହିଳାଙ୍କ ଦ୍ୱାରା ପରିଚାଳିତ ଶାଳପତ୍ର କ୍ଲଷ୍ଟର ମଧ ପରିଦର୍ଶନ କରିଥିଲେ। ଜଙ୍ଗଲରୁ ମିଳୁଥିବା ପତ୍ରରୁ ଦୋନା, ଖଲି, ଟ୍ରେ, ପ୍ଲେଟ ଭଳି ବିଭିନ୍ନ ପ୍ରକାର ସାମଗ୍ରୀର ପ୍ରସ୍ତୁତ ହେଉଥିବା ଅନୁଭୂତି ସାଉଁଟିଥିଲେ। ଗସ୍ତ ସମୟରେ ଡିଏଫଓ ଏ. ଉମାମହେଶ, ଏସିଏଫ ରବିନାରାୟଣ ମହାନ୍ତିଙ୍କ ସମେତ ବେତନଟୀ ରେଞ୍ଜ ପକ୍ଷରୁ ରେଞ୍ଜର ମନୁଓର ଖାଁ, ବନପାଳ ପ୍ରଶାନ୍ତ ସିଂସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ୬ଷ୍ଠ ଜାତୀୟ ଜଳ ପୁରସ୍କାର ଆଲୋଚନାଚକ୍ର

ବୈଶିଙ୍ଗା, ୧୯ ।୧୨(ସମିସ): ଜଳଉତ୍ସର ସୁପରିଚାଳନା ଏବଂ ସଂରକ୍ଷଣ ଉପରେ ଆଧାରିତ ଜାତୀୟ ଜଳ ପୁରସ୍କାର-୨୦୨୪ ସମ୍ପର୍କିତ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଖଇରିବଣି ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ବିନୀତା ଦାଶ ଯୋଗଦେଇ ଜାତୀୟ ଜଳ ପୁରସ୍କାରର ଆବଶ୍ୟକତା ଏବଂ ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ସଙ୍ଗୀତା ବେହେରା ସ୍କୁଲଗୁଡିକରେ ଜଳ ସଂରକ୍ଷଣ ଓ ପରିଚାଳନା ଉପରେ ମତ ଉପସ୍ଥାପନ କରିଥିଲେ। ବରିଷ୍ଠ ପରାମର୍ଶଦାତା ଇଂ. ଏମ.ଏସ ଖାନ ଜାତୀୟ ଜଳ ପୁରସ୍କାର ଓ ଏହାର ଆପ୍ଳିକେସନ ପ୍ଲାନ ବକ୍ତବ୍ୟ ରଖିଥିଲେ। ୟୁନିସେଫର ପ୍ରଚାର ପ୍ରସାର ବିଭାଗର ପ୍ରବନ୍ଧକ ଧର୍ମାନନ୍ଦ ସୁନ୍ଦରରାୟ ୟୁଥ ଫର ୱାଟାର ସନ୍ଦର୍ଭରେ ବହୁ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରିଥିଲେ। ଜଳ ସଂରକ୍ଷଣ ଏବଂ ପରିଚାଳନା ଉନ୍ଦର୍ଭରେ ୟୁନିସେଫର ଜିଲ୍ଲା ପରାମର୍ଶଦାତା ବିଜୟ କୁମାର ସାହୁ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଅଂଶଗ୍ରହଣ କରିଥିବା ୬୦ଟି ସ୍କୁଲର ପ୍ରଧାନଶିକ୍ଷକ/ପ୍ରଧାନଶିକ୍ଷୟିତ୍ରୀ କିମ୍ବା ଶିକ୍ଷକ/ଶିକ୍ଷୟିତ୍ରୀ ପ୍ରମୁଖଙ୍କୁ ନେଇ ପ୍ରସ୍ତୁତ ଗ୍ରୁପୱାର୍କ ଉପସ୍ଥାପନ କରାଯାଇଥିଲା। ଓସେପାର ଯୁଗ୍ମନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକର ରାଇକମା ଆଶ୍ରମ ସ୍କୁଲ ଏବଂ ମଛପଦା ଗୋପବନ୍ଧୁ ଶିକ୍ଷାନିକେତନ ଅଂଶଗ୍ରହଣ କରିଥିଲେ। ଉଭୟ ସ୍କୁଲର ପ୍ରଧାନଶିକ୍ଷକ ରଜତ କୁମାର ଦାଶ ଏବଂ ହରିହର ପ୍ରଧାନ ଯୋଗ ଦେଇଥିଲେ। ବୈଷୟିକ ପରାମର୍ଶଦାତା ଭାବେ ଇଂ. ପ୍ରଶାନ୍ତ ବେହେରା ମଧ ମୟୂରଭଞ୍ଜ ଜିଲ୍ଲା ପକ୍ଷରୁ ଯୋଗଦେଇଥିଲେ।

## ଡ. ରମେଶଚନ୍ଦ୍ର ପ୍ରଧାନ ସ୍ମାରକୀ କ୍ରୀଡ଼ା ଉତ୍ସବ

କରଞ୍ଜିଆ, ୧୯।୧୨(ସମିସ): କରଞ୍ଜିଆ ସହରସ୍ଥିତ ପାଞ୍ଚପୀଢ ମହିଳା ଡିଗ୍ରୀ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉଦ୍ୟମରେ ଡ ରମେଶଚନ୍ଦ୍ର ପ୍ରଧାନ ସ୍ମାରକୀ କ୍ରୀଡା ପ୍ରତିଯୋଗିତା ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ୧୮ ତାରିଖ ଉଦଘାଟନ ଉତ୍ସବରେ ଅତିଥିଭାବେ ପାଞ୍ଚପୀଢ ଉପଖଣ୍ଡ ଉପ ଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ ଓ ପାଞ୍ଚପୀଢ ମହିଳା ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ଯୁଗୋଳ କିଶୋର ଅଗ୍ରୱାଲ ଯୋଗଦେଇଥିଲେ। ଯୁକ୍ତ ତିନ ଅଧ୍ୟକ୍ଷା ପ୍ରଣତୀ ବାରିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଦିଲ୍ଲୀପ କୁମାର ପୃଷ୍ଟି ଉପସ୍ଥିତ ରହି କ୍ରୀଡା ଜୀବନ ପାଇଁ କେତେ ଜରୁରୀ ସେ ନେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଭିନ୍ନ ପ୍ରକାର କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନ ଦିବସରେ ମୁଖ୍ୟ ଅତିଥି ରୂପେ କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଯୋଗେଶ୍ୱର ମହାନ୍ତ, ପାଞ୍ଚପୀଢ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଉମେଶ କୁମାର ଅଗ୍ରୱାଲ, ଯୁବ କ୍ରିକେଟ ଖେଳାଳି ଅମ୍ରିତ କୁମାର ଦାସ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଯୁକ୍ତ ତିନ ସ୍ତରର ଲବଙ୍ଗଲତା ନାଏକ ଓ ଯୁକ୍ତ ଦୁଇ ସ୍ତରର କବିତା ଗାଗରାଇ ଶ୍ରେଷ୍ଠତା ପ୍ରଦର୍ଶନ କରି ଚାମ୍ପିଅନ ହୋଇଛନ୍ତି।

## ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



ପିଙ୍ଗୁ, ୧୯।୧୨(ସମିସ): ମେଘାସନ ମହାବିଦ୍ୟାଳୟ ପରିସରରେ ୧୩ ତାରିଖରୁ ଚାଲିଥିବା ୩୭ତମ ବାର୍ଷିକ କ୍ରିଡ଼ା, ସାଂସ୍କୃତିକ ଓ ମୌଖିକ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅଧ୍ୟକ୍ଷ ପ୍ରମୋଦ କୁମାର ରାଉତ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପ୍ରଶାସନିକ ଅଧିକାରୀ ଡ଼. ନିରଞ୍ଜନ ପାଠୀ, ପ୍ରାଧ୍ୟାପକ ବୃନ୍ଦାବନ ମହାନ୍ତି, ପ୍ରାଧ୍ୟାପକ ବସନ୍ତ କୁମାର ପାତ୍ର, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ନାୟକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ କଲେଜ ପରିଚାଳନା କମିଟିର ସଭାପତି ଈଶ୍ୱର ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଅଧ୍ୟକ୍ଷ ପ୍ରମୋଦ କୁମାର ରାଉତ ସଭାପତିତ୍ୱ କରିଥିଲାବେଳେ ନିରଞ୍ଜନ ପାଠୀ ମଞ୍ଚ ପରିଚାଳନା କରିଥିଲେ। ଏହି ଉପଲକ୍ଷେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ରାଇରଙ୍ଗପୁର ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ



ରାଇରଙ୍ଗପୁର, ୧୯ ।୧୨(ସମିସ): ରାଇରଙ୍ଗପୁର ମହାବିଦ୍ୟାଳୟର ୫୦ତମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଯାଇଛି। ଏହି ଅବସରରେ ଦୌଡକୁଦ, ମନ୍ଥର ସାଇକଲ ଚାଳନା, ଡିସକସ୍ ଥ୍ରୋ, ସଟ୍‌ପୁଟ୍, ଉଚ୍ଚ ଓ ଲମ୍ବ ଡିଆଁ, ମ୍ୟୁଜିକ୍ ଏଣ୍ଡ ଚେୟାର, କୌତୁକିଆ ବେଶ ପରିଧାନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। +୨ ଛାତ୍ରୀ କଲ୍ୟାଣୀ ଟୁଡୁ ଓ ଛାତ୍ର ସୁନାରାମ ମାଝୀ ଏବଂ +୩ ସ୍ରୋତରେ ଛାତ୍ରୀ ଗୁରୁବାରୀ କିସ୍କୁ ଓ ଛାତ୍ର ଲକ୍ଷ୍ମଣ ମୁର୍ମୁ ଚାମ୍ପିଅନ ହୋଇଛନ୍ତି। ବରିଷ୍ଠ ପ୍ରାଧ୍ୟାପକ ଡକ୍ଟର ରବିନାରାୟଣ ଚୌପଟ୍ଟନାୟକ, କ୍ରୀଡ଼ା ଶିକ୍ଷକ ମେଜର ହେମେନ୍ଦ୍ର କୁମାର ରାଉତ, ଦିଲ୍ଲୀପ କୁମାର ମହାନ୍ତି, ନିର୍ମଳ କୁମାର ବେହେରାଙ୍କ ନେତୃତ୍ୱରେ ପ୍ରତିଯୋଗିତା ଅନୁଷ୍ଠିତହୋଇଥିଲା।

ସେହିପରି ଉଦଯାପନୀ ସଭାରେ କୃତୀ ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟକ୍ଷ ସୁନୀଲ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରୂପେ ପରିଚାଳନା ସମିତିର ସଭାପତି ଡକ୍ଟର ପ୍ରମୋଦ କୁମାର ମହାନ୍ତ ଓ ସମ୍ମାନିତ ଅତିଥି ଭାବେ ପରିଚାଳନା ସମିତି ସଭ୍ୟା ପୁଷ୍ପମିତ୍ରା ଦତ୍ତ ଯୋଗ ଦେଇଥିଲେ। କଲେଜ ଆଥଲେଟିକ କ୍ଲବ ଉପସଭାପତି ଇତିହାସ ଅଧ୍ୟାପକ ପୀତାମ୍ବର ମିଶ୍ର ପରିଚାଳନା କରିଥିବା ବେଳେ ଅଧ୍ୟାପିକା ମେନକା ମହାକୁଡ଼, ଅଧ୍ୟାପକ ନାରାନ ମୁର୍ମୁ, ମହେଶ୍ୱର ହେମ୍ବ୍ରମ ସହଯୋଗ କରିଥିଲେ। ସଭାଶେଷରେ ମେଜର ହେମେନ୍ଦ୍ର କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଉଠାସେଚ ବିଭାଜନ ପକ୍ଷରୁ ପ୍ରତିଯୋଗିତା

କରଞ୍ଜିଆ, ୧୯।୧୨(ସମିସ): କରଞ୍ଜିଆ ଉଠାଜଳସେଚନ ବିଭାଜନ ପକ୍ଷରୁ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ବିଭାଜନ ସ୍ତରୀୟ ବକ୍ତୃତା, ଚିତ୍ରାଙ୍କନ, ପ୍ରବନ୍ଧ, ମଡେଲ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅଧୀକ୍ଷଣ ଯନ୍ତ୍ରୀ ବିକ୍ରମାଦିତ୍ୟ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିଯୋଗିତାରେ ଅତିଥି ଭାବେ ବିଇଓ ତରୁ ନାଏକ, ସହକାରୀ ଯନ୍ତ୍ରୀ ବିଭୁ ପ୍ରକାଶ ମହାନ୍ତ, କରଞ୍ଜିଆ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଗାୟତ୍ରୀ ମହାନ୍ତ, ଅଭିମନ୍ୟୁ ମଣ୍ଡଳ, ସତ୍ୟବ୍ରତ ବାରିକ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ବିଚାରକ ଭାବେ ଝୁମୁକାକୁଦର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ମହାନ୍ତ, ଶିକ୍ଷକ




ଚନ୍ଦନ ପାଣିଗ୍ରାହୀ, ବିନୋଦ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପାଣିପଞ୍ଚାୟତ ପକ୍ଷ ପାଳନ ଦିବସରେ ପୁରସ୍କୃତ କରାଯିବ। ସତ୍ୟବ୍ରତ ବାରିକ ଧନ୍ୟବାଦ୍ ଦେଇଥିଲେ।

## ଓଷ୍ଟା ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ଉତ୍ସବ

ବହଳଦା, ୧୯।୧୨(ସମିସ): ଓଡ଼ିଶା ରାଜ୍ୟ ମାଧ୍ୟମିକ ଶିକ୍ଷକ ସଂଘ (ଓଷ୍ଟା) ବହଳଦା ବ୍ଲକ ଶାଖା ପକ୍ଷରୁ ଶିଶୁ ଉତ୍ସବ କୀଚକେଶ୍ୱରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଓଷ୍ଟା ବ୍ଲକ ସଭାପତି ରାଜକିଶୋର ମହାନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭୂତନାଥ ସିଟ୍, ମୁଖ୍ୟବକ୍ତା ଭାବେ ଶିଶୁ ସାହିତ୍ୟିକ ନେପାଳ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ବହଳଦା ହାଇସ୍କୁଲର ପ୍ରଧାନ ଶିକ୍ଷକ ମନୋରଞ୍ଜନ ଗିରି, ଅବସରପ୍ରାପ୍ତ ଶିକ୍ଷକ ଅମିୟ ଦାଶ, ସାମ୍ବାଦିକ ଅଶୋକ ରାଉତ, ମଧୁସୂଦନ ଦାସ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଏହି ଅବସରରେ ଅନୁଷ୍ଠିତ କଣ୍ଠ ସଙ୍ଗୀତ, ତର୍କ ପ୍ରତିଯୋଗିତା, ଏକକ ନୃତ୍ୟ, କବିତା ଆବୃତ୍ତି ପ୍ରତିଯୋଗିତାରେ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଅପରାହ୍ନରେ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ଯୋଗଦେଇ ଆମ ଅଞ୍ଚଳର ପିଲାମାନେ ଦେବୀ କୃପା ସହ ବହୁ ମହାପୁରୁଷଙ୍କ ଦାୟାଦ ହୋଇଥିବାରୁ ସେମାନଙ୍କ ଭିତରେ ଅନେକ ସାମର୍ଥ୍ୟ ଓ ପ୍ରତିଭା ରହିଛି ବୋଲି କହିଥିଲେ। ମୁଖ୍ୟବକ୍ତା



ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀଣି ଶୁଭଶ୍ରୀ ସିଂ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଓଷ୍ଟା ରାଜ୍ୟ ଉପସଭାପତି ଜ୍ଞାନରଞ୍ଜନ ପାଣିଗ୍ରାହୀ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ପ୍ରକାଶ ନାୟକ, ବ୍ଲକ ସମ୍ପାଦକ ସ୍ମୃତିରଞ୍ଜନ ପାଣି ପରିଚାଳନା କରିଥିଲେ। କରଞ୍ଜିଆଠାରେ ଆୟୋଜିତ ହେବାକୁ ଥିବା ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ କୃତୀ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ।

## ୭୬ତମ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ



ରାଇରଙ୍ଗପୁର, ୧୯ ।୧୨(ସମିସ): ଗୁରୁବାର ଅପରାହ୍ନରେ ବାମନଘାଟି ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଆଗାମୀ ୭୬ତମ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଜାତୀୟ ଦିବସକୁ ଉପଖଣ୍ଡ ସ୍ତରରେ ଆକର୍ଷଣୀୟଭାବେ ପାଳନ କରିବା ପାଇଁ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଭାବେ ପାଳନ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ଉପଖଣ୍ଡ ସ୍ତରୀୟ ବିଭିନ୍ନ ପଦାଧିକାରୀ, ବରିଷ୍ଠ ନାଗରିକ, ଆଇନଜୀବୀ, ସହରର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଗୋଚାଲାଣ ବେଳେ ମାଡ଼ିବସିଲା ପୁଲିସ; ୨ ଷଣ୍ଢ ଉଦ୍ଧାର

ବୈଶିଙ୍ଗା, ୧୯।୧୨(ସମିସ): ବୈଶିଙ୍ଗା ଥାନା ମଛପଦା-କଦଳିଆ ରାସ୍ତାରେ ପୁଲିସ ଚଢଉ କରି ଏକ ଗାଡିରୁ ଦୁଇଟି ଷଣ୍ଢକୁ ଉଦ୍ଧାର କରିବା ସହିତ ୪ଟି ବାଇକ୍ ଏବଂ ଗାଡିକୁ ଜବତ କରିଛି। ସୂଚନା ମୁତାବକ, ଏହି ଷଣ୍ଢକୁ ବେଆଇଭାବେ ଚାଲାଣ ହେଉଥିବା ନେଇ ପୁଲିସ ଖବର ପାଇ ସଦଳବଳ ସ୍ଥାନୀୟ ଲୋକଙ୍କ ସହାୟତାରେ ମଛପଦା-କଦଳିଆ ରାସ୍ତାରେ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ଗୋ ବୋଝେଇ ଟାଟାଏସି ଭ୍ୟାନର ଚାଳକ ସମେତ ବାଇକ ଛାଡି ଅଭିଯୁକ୍ତମାନେ ଚମ୍ପଟ ମାରିଥିଲେ। ପରେ ପୁଲିସ ଗାଡିକୁ ଜବତ କରି ସେଥିରୁ ଦୁଇଟି ଷଣ୍ଢକୁ ଉଦ୍ଧାର କରି ଆବଶ୍ୟକ ଚିକିତ୍ସା ଯୋଗାଇ ଦିଆଯାଇଛି। ବୈଶିଙ୍ଗା ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

### ବେତନଟୀ ସିଟିଜେନ ଫୋରମର ପ୍ରଶ୍ନ

# ମୟୂରଭଞ୍ଜ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା କେବେ

ବେତନଟୀ, ୧୯।୧୨(ସମିସ): ବେତନଟୀ ସିଟିଜେନ ଫୋରମ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ସମ୍ମିଳନୀରେ ଫୋରମ ପକ୍ଷରୁ ମୟୂରଭଞ୍ଜରେ ଶିଳ୍ପ ପ୍ରତିଷ୍ଠା ଏବଂ ଦାଦନ ଶ୍ରମିକ ଚାଲାଣ କେବେ ବନ୍ଦ ହେବ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରାଯାଇଛି। ଜଙ୍ଗଲ ପାହାଡ଼ ପରିବେଷ୍ଟିତ ଆର୍ଥିକ ଅନଗ୍ରସର ଆଦିବାସୀ ବହୁଳ ଶିଳ୍ପ ବିହୀନ ଏବଂ ଦାଦନ ଶ୍ରମିକଙ୍କ ଜିଲ୍ଲା ଭାବେ ଅବିଭକ୍ତ ମୟୂରଭଞ୍ଜ ଓଡ଼ିଶା ମାନଚିତ୍ରରେ କେବଳ ପରିଚୟ ବଜାୟ ରଖିଆସିଛି। ରାଜନେତାଙ୍କ ଭାଷଣ ଓ ମାଗଣା ରାସନ ଚାଉଳ ଖାଇ ଜିଲ୍ଲାବାସୀ ନିଜ ଭାଗ୍ୟକୁ ଆଦରି ନିଜ ହକ ପାଇଁ ଲଢେଇ କରିନପାରି ଅସହାୟ ଅବସ୍ଥାରେ ରହିଛନ୍ତି। ଗତ ୨୦୧୧ ଜନସଂଖ୍ୟା ଅନୁସାରେ ଜିଲ୍ଲାର ଲୋକ ସଂଖ୍ୟା ୨୫୧୯୭୩୮ ହୋଇଥିବାବେଳେ ମୋଟ ଚାଷ ଜମିର ୧୫ ଭାଗରୁ କମ ଜଳସେଚିତ। ବେତନଟୀ ସହିତ ପାଞ୍ଚଟି ବ୍ଲକରେ ବୃହତ ସୁବର୍ଣ୍ଣରେଖା ଜଳ ସେଚନ ପ୍ରକଳ୍ପ ୩୬ ବର୍ଷ ଧରି ଚାଲୁ ରହିଥିଲେ ବି ଆଜିଯାଏ ପୂର୍ଣ୍ଣାଙ୍ଗ ହୋଇପାରୁନାହିଁ। ଜିଲ୍ଲାର ପ୍ରାକୃତିକ ସମ୍ପଦ ଖଣି ମାଫିଆମାନଙ୍କ ଦ୍ୱାରା ଗଡ଼ଜାତ ମିଶ୍ରଣ ପରଠାରୁ ଲୁଟ ହୋଇ ଚାଲିଛି; କିନ୍ତୁ ଆଜିଯାଏ କୌଣସି ଶିଳ୍ପ ପ୍ରତିଷ୍ଠା ହୋଇପାରିନାହିଁ। ବଦଳରେ ଜିଲ୍ଲାର ଖଣିଜ ସମ୍ପଦରେ ଝାଡଖଣ୍ଡ ରାଜ୍ୟର ଟାଟା କମ୍ପାନୀର ଇସ୍ପାତ ଶିଳ୍ପ ଚାଲିପାରିଛି। ଜିଲ୍ଲାରେ ମାନବ ସମ୍ବଳ ସହିତ ପ୍ରଶସ୍ତ ଭିତ୍ତିଭୂମି ଥିଲେ ବି ବେକାର ଶିକ୍ଷିତ ଓ ଅଶିକ୍ଷିତ ଯୁବକମାନେ ପଡୋଶୀ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। କେନ୍ଦ୍ର ଏବଂ ରାଜ୍ୟ ସରକାରରେ ଜିଲ୍ଲାରୁ ପ୍ରତିନିଧିତ୍ୱ କରୁଥିବା ଜନପ୍ରତିନିଧିମାନେ ମଧ ହକ ପାଇଁ ଲଢେଇ ନକରି ନିଜ ବ୍ୟକ୍ତିଗତ ଫାଇଦା ଓ ସ୍ୱାର୍ଥ ହାସଲ କରିବାରେ ବ୍ୟସ୍ତ ରହୁଛନ୍ତି। ମୟୂରଭଞ୍ଜ ଜିଲ୍ଲା ଓଡ଼ିଶା ରାଜ୍ୟ ସହିତ ମିଶ୍ରଣ ହେବା ପୂର୍ବରୁ ୧୯୪୯ ମସିହା ପର୍ଯ୍ୟନ୍ତ ଭଞ୍ଜ ବଂଶର ରାଜା ମହାରାଜାଙ୍କ ଦ୍ୱାରା ଶାସିତ ହୋଇ ଆସୁଥିଲା। ସେ ସମୟରେ ୧୯୦୫ ମସିହାରେ ମୟୂରଭଞ୍ଜର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ଶାସନକାଳରେ ନିଜସ୍ୱ ରାଜସ୍ୱରେ ରୁପ୍ସାରୁ ବାଙ୍ଗିରିପୋଷି ପର୍ଯ୍ୟନ୍ତ ରେଳପଥ ନିର୍ମାଣ କରିଥିଲେ। ଶହେ ବର୍ଷ ପରେ ୨୦୦୫ ମସିହାରେ ତତ୍କାଳୀନ କଂଗ୍ରେସ ସରକାର ଏହାକୁ ବ୍ରଡଗେଜରେ ପରିଣତ କରିଥିଲେ ହେଁ ବାଙ୍ଗିରିପୋଷିରୁ ରାଇରଙ୍ଗପୁର କିମ୍ବା ବାଦାମପାହାଡ ସହିତ ସଂଯୋଗ ହୋଇପାରିନାହିଁ। କଂଗ୍ରେସ ସରକାରଙ୍କ ସମୟରେ ଯେତିକି ଶିଳ୍ପାନୁଷ୍ଠାନ ସଚଳ ଥିଲା ଏବଂ କର୍ମ ନିଯୁକ୍ତି ଲୋକ ପାଇଥିଲେ ୨୦୨୪ ମସିହା ସୁଦ୍ଧା ସେସବୁ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଛି। ଫଳରେ ଅଞ୍ଚଳର ଯୁବକମାନେ କାମଧନ୍ଦା ନ ପାଇ ବାହାରକୁ ଦାଦନ ଖଟିବାକୁ ବାଧ ହେଉଛନ୍ତି। ଓଡ଼ିଶାରେ ବିଜେପିର ଡବଲ ଇଞ୍ଜିନ ସରକାର କ୍ଷମତାକୁ ଆସିଥିଲେ ହେଁ ଛଅ ମାସ ମଧ୍ୟରେ ମୋହନ ସରକାର ଗୋଟିଏ ହେଲେ ବୃହତ ଶିଳ୍ପ ପ୍ରତିଷ୍ଠା ପାଇଁ ପଦକ୍ଷେପ ନେଇନାହାନ୍ତି। ମୟୂରଭଞ୍ଜ ଜିଲ୍ଲାର ସମସ୍ତ ବିଧାୟକ ଓ ସାଂସଦ, ରାଜ୍ୟସଭା ସଦସ୍ୟ ପଦ ବିଜେପି ଦଖଲ କରିଛି; କିନ୍ତୁ ବେକାରୀ ସମସ୍ୟାକୁ ହଟାଇବା ପରିବର୍ତ୍ତେ ପୂର୍ବ ସ୍ଥିତି ବଜାୟ ରହିଛି। କେବଳ ମାଗଣା ଚାଉଳ ଓ ସୁଭଦ୍ରା ଯୋଜନା କ'ଣ ବେକାରୀ ସମସ୍ୟାର ସମାଧାନ ବୋଲି ଫୋରମ୍ ପକ୍ଷରୁ ପ୍ରଶ୍ନ କରାଯାଇଛି। ମୋହନ ସରକାର ଉତ୍ତର ଓଡ଼ିଶା ବିକାଶ ପରିଷଦ ନାମରେ ଜିଲ୍ଲାବାସୀଙ୍କୁ ଭୁଆଁ ବୁଲାଇ ଚାଲିଛନ୍ତି। ଖରିଫ ଋତୁରେ ଧାନଚାଷ ଜିଲ୍ଲାବାସୀଙ୍କ ମୁଖ୍ୟ ଆୟର ପନ୍ଥା ହୋଇଥିବାବେଳେ ଅନ୍ୟକିଛି ବିକଳ୍ପ ବ୍ୟବସ୍ଥା ସରକାରଙ୍କ ପକ୍ଷରୁ କରାଯାଇନାହିଁ। ଏଣୁ ଏହି ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା କରାଯାଇ ବେକାରୀ ସମସ୍ୟା ହଟାଇବାକୁ ଫୋରମ୍ ଦାବି କରିଛି।

## ୨୧ରେ ବାରିପଦାରେ ପାଳନ ହେବ ବିଶ୍ୱ ଧ୍ୟାନ ଦିବସ

# ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ପାଇଁ ହେବ ସମୂହ ଧ୍ୟାନ




**ବାରିପଦା, ୧୯ ।୧୨(ସମିସ):** ଜାତିସଂଘର ନିର୍ଦ୍ଦେଶକ୍ରମେ ଆସନ୍ତା ୨୧ ତାରିଖରେ ପ୍ରଥମ କରି ବିଶ୍ୱ ଧ୍ୟାନ ଦିବସ ପାଳନ ହେବ । ସାରା ବିଶ୍ୱ ସମେତ ବାରିପଦାଠାରେ ମଧ୍ୟ ସୁସ୍ଥ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ପାଇଁ ସମୂହ ଧ୍ୟାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏ ନେଇ ଆର୍ଟ ଅଫ ଲିଭିଂ ପକ୍ଷରୁ ଗୁରୁବାର ମଧୁବନ ସ୍ଥିତ କେମିଷ୍ଟ ଓ ଡ୍ରଗିଷ୍ଟ ଭବନଠାରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବାରିପଦା ଷ୍ଟାଡିୟମରେ ଶନିବାର ସକାଳ ୭ଟାରେ ସାମୂହିକ ଧ୍ୟାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ବୈଶ୍ୱିକ ଆଧ୍ୟାତ୍ମିକ ଗୁରୁ ତଥା ମାନବବାଦୀ ଗୁରୁଦେବ ପଦ୍ମଶ୍ରୀ ଶ୍ରୀ ଶ୍ରୀ ରବିଶଙ୍କର ଅନଲାଇନ ଜରିଆରେ ଯୋଡି ହୋଇ ୱାର୍ଲ୍ଡ ମେଡିଟେସନ୍ ଉପରେ ସମ୍ବୋଧିତ କରିବେ । ବର୍ତ୍ତମାନର ଆଧୁନିକ ସମାଜରେ ବ୍ୟସ୍ତବହୁଳ ଜୀବନଶୈଳୀ ପାଇଁ ଲୋକେ ବିଭିନ୍ନ ମାନସିକ ଚିନ୍ତାଗ୍ରସ୍ତ ହୋଇ ରହୁଛନ୍ତି । ଫଳରେ ମାନସିକ ସମେତ ଶାରୀରିକ ଭାବେ ରୋଗଗ୍ରସ୍ତ ହେଉଛନ୍ତି । ଏଥିସହିତ ମାନସିକ ଦୁଶ୍ଚିନ୍ତାର ବଶବର୍ତ୍ତୀ ହୋଇ ଆତ୍ମହତ୍ୟା କରିବାକୁ ମଧ୍ୟ ପଛାଉନାହାନ୍ତି । ଆଜି ଯୁବପିଢ଼ିଙ୍କ ମଧ୍ୟରେ ଏହା ଅଧିକ ପରିମାଣରେ ପରିଲକ୍ଷିତ ହେଉଛି । ତେଣୁକରି ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେବାର ନିହାତି ଆବଶ୍ୟକ । ଧ୍ୟାନ କରିବା ଦ୍ୱାରା ଶାନ୍ତି ଓ ଏକତା ପ୍ରତିଷ୍ଠା ଦିଗରେ ମଧ୍ୟ ଏହା ବେଶ୍ ମଧ୍ୟ ସହାୟକ ହେବ । ତେଣୁକରି ଅଫ୍ ଲିଭିଂ ପକ୍ଷରୁ ପ୍ରଥମ କରି ବିଶ୍ୱ ଧ୍ୟାନ ଦିବସ ଆୟୋଜନ କରାଯାଇଛି । ଏଥିରେ ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ, ବିଭିନ୍ନ ଶିକ୍ଷାନୁଷ୍ଠାନ, ବେସରକାରୀ ପ୍ରତିଷ୍ଠାନ, ବିଭିନ୍ନ ଅନୁଷ୍ଠାନ, ସଙ୍ଗଠନ ଆଦି ସାମୁହିକ ଭାବେ ଅଂଶ ଗ୍ରହଣ କରିବାକୁ ସାମ୍ବାଦିକ ସମ୍ମିଳନୀରେ ଅନୁରୋଧ କରାଯାଇଛି । ବାରିପଦା ଆର୍ଟ ଅଫ ଲିଭିଂ ଶିକ୍ଷକ କୌଶିକ ସାହୁ, ସରୋଜ ସାହୁ, ନିର୍ମଳ ମହାନ୍ତି, ଅଜୟ କୁମାର ମୋଦୀ, ଉପାସନା ସାହୁ, ଦେବାଶିଷ ମହାନ୍ତ, ଋତୁପର୍ଣ୍ଣ ମଲ୍ଲିକ, ସ୍ମୃତିପର୍ଣ୍ଣା ମଲ୍ଲିକ, ସୁଦୀପ୍ତ ମିଶ୍ର, ଗୌରବ ପାଲ, ଗୀତେଶ, ପ୍ରତୀକ, ନିଶା ପ୍ରମୁଖ ଉପସ୍ଥିତ ଥିଲେ ।

## ଆଜିଠୁ ମୟୂରଭଞ୍ଜ ପୁସ୍ତକ ମେଳା

**ବାରିପଦା, ୧୯ ।୧୨(ସମିସ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ଜିଲ୍ଲାସ୍ତରୀୟ ପୁସ୍ତକ ମହୋତ୍ସବ 'ଏକାଦଶ ମୟୂରଭଞ୍ଜ ପୁସ୍ତକ ମେଳା' ରବିବାର ସନ୍ଧ୍ୟା ୬ଟାରେ ବାରିପଦା ଛଉ ପଡ଼ିଆରେ ଉଦ୍‌ଘାଟିତ ହେବ । ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ହେମକାନ୍ତ ସଏ, ମୁଖ୍ୟବକ୍ତା ଭାବେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲି ଓ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. କୈଳାସ ଚନ୍ଦ୍ର ମହାନ୍ତି ଯୋଗଦେବେ ବୋଲି ମେଳା କମିଟି ସଭାପତି ପଦ୍ମନାଭ ସାହୁ ଓ ସମ୍ପାଦକ ମନୋଜ ଦଳବେହେରା ସୂଚନା ଦେଇଛନ୍ତି ।

## ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ

# ପାଠ୍ୟକ୍ରମ ହ୍ରାସ ଦାବିରେ ତାଲାବନ୍ଦ କରି ବିକ୍ଷୋଭ

ବାରିପଦା, ୧୯ ।୧୨(ସମିସ)



ସ୍ନାତକ ଓ ସ୍ନାତକୋତ୍ତର ପରୀକ୍ଷାରେ ପାଠ୍ୟକ୍ରମ ହ୍ରାସ କରିବା ଦାବିରେ ତକତପୁର ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀ ପକ୍ଷରୁ ଆନ୍ଦୋଳନ ଚାଲିଛି । ଏ ନେଇ ଗୁରୁବାର ଛାତ୍ରଛାତ୍ରୀ ମହାବିଦ୍ୟାଳୟ ସମ୍ମୁଖ ଫାଟକରେ ତାଲା ବନ୍ଦ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ମହାବିଦ୍ୟାଳୟର ସ୍ନାତକ ତୃତୀୟ ବର୍ଷର ପଞ୍ଚମ ଓ ଷଷ୍ଠ ସେମିଷ୍ଟର ଏବଂ ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ତୃତୀୟ ଓ ଚତୁର୍ଥ ସେମିଷ୍ଟର ପରୀକ୍ଷାରେ ପାଠ୍ୟକ୍ରମ ହ୍ରାସ କରିବାକୁ ଦାବି କରିଛନ୍ତି ଛାତ୍ରଛାତ୍ରୀ । ନିକଟରେ ପାଠ୍ୟକ୍ରମ ପରିବର୍ତ୍ତନ ହୋଇଥିବା ବେଳେ ତାହା ସମ୍ପୂର୍ଣ୍ଣ ଭାବେ ପଢ଼ା ଯାଇନାହିଁ । ପରୀକ୍ଷା ଆଉ ଅଳ୍ପ ଦିନ ରହିଥିବାରୁ ଅସମ୍ପୂର୍ଣ୍ଣ ପାଠ୍ୟକ୍ରମକୁ ନେଇ ପିଲା କିପରି ପରୀକ୍ଷା ଦେବେ ସେ ନେଇ ପ୍ରଶ୍ନ କରିଛନ୍ତି । ପ୍ରାୟତଃ ଅଧା ପାଠ୍ୟକ୍ରମ ଥିବା ବେଳେ ତାହା ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରିବା ସମ୍ଭବ ହେଉନାହିଁ । ପ୍ରତି ସେମିଷ୍ଟର ୬ ମାସ ବ୍ୟବଧାନରେ ହେବାର ନିୟମ ଥିବା ବେଳେ ତାହା ପାଳନ କରାଯାଉନାହିଁ ବୋଲି ଛାତ୍ରଛାତ୍ରୀ ଅଭିଯୋଗ କରିଛନ୍ତି । ଯାହାକୁ ନେଇ ଛାତ୍ରଛାତ୍ରୀ ୫୦ପ୍ରତିଶତ ପାଠ୍ୟକ୍ରମ ହ୍ରାସ କରିବା ପାଇଁ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ଏନେଇ କଲେଜ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଛାତ୍ରଛାତ୍ରୀ ବାଧ ହୋଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଅନ୍ୟପକ୍ଷେ ଅଧକ୍ଷ ପ୍ରଫେସର ପ୍ରମୋଦ ଚନ୍ଦ୍ର ସାହୁ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କରିଛନ୍ତି । ପରୀକ୍ଷା ମାସେ ଥିବା ବେଳେ ଛୁଟି ଦିନ ଏବଂ ଅନଲାଇନ ଜରିଆରେ ଅଧିକ କ୍ଲାସ କରି ପାଠ୍ୟକ୍ରମ ସମ୍ପୂର୍ଣ୍ଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ । ଏଥିସହିତ ଅନ୍ୟ କୌଣସି ବ୍ୟବସ୍ଥା କରି ଦାବି ପୂରଣ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ଅଧକ୍ଷ । ତେବେ ୬ମାସ ପରେ ଥିବା ଅନ୍ୟ ଏକ ସେମିଷ୍ଟାର ପାଠ୍ୟକ୍ରମ ହ୍ରାସ କରିବାକୁ ଦାବି ହୋଇଥିଲା । ତାହାକୁ ସମୟ ଥିବା ବେଳେ ଏବେଠାରୁ ସେନେଇ ଦାବି କରିବା ଯଥାର୍ଥ ନୁହେଁ ବୋଲି ଅଧକ୍ଷ କହିଥିଲେ । ତେଣୁ ପାଠ୍ୟକ୍ରମ ପୂରଣ ପାଇଁ ଯଥାସାଧ ଉଦ୍ୟମ ଜାରି ରହିଛି । ପଢ଼ାଯାଇଥିବା ପାଠ ମଧ୍ୟରୁ ପ୍ରଶ୍ନପତ୍ର କରାଯିବ । ଏଣୁ ପିଲାମାନଙ୍କ କୌଣସି ଅସୁବିଧା ରହିବ ନାହିଁ ବୋଲି ଅଧକ୍ଷ ଶ୍ରୀ ସାହୁ ପ୍ରତିଶ୍ରୁତି ଦେଇଛନ୍ତି ।

## ଶ୍ରୀରାମଚନ୍ଦ୍ର ପାଠାଗାରରେ ମହାରାଜାଙ୍କ ଜୟନ୍ତୀ



**ବାରିପଦା, ୧୯ ।୧୨(ସମିସ):** ନବ ଉତ୍କଳର ନବନିର୍ମାତା, ଓଡ଼ିଆ ଜାତୀୟ ଜୀବନର ଅନିର୍ବାଣ ଦୀପଶିଖା ପୁଣ୍ୟଶ୍ଳୋକ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୫୪ ତମ ଜନ୍ମତିଥି ଶ୍ରୀରାମଚନ୍ଦ୍ର ପାଠାଗାର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ପାଠାଗାର ପରିଚାଳନା ପରିଷଦର ସଭାପତି ଜୟନ୍ତ ପାଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ତାଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ପରେ ଉପସଭାପତି ଅଶୋକ କୁମାର ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ । ମୁଖ୍ୟଅତିଥି ଭାବେ ପ୍ରବୀଣ ଶିକ୍ଷାବିତ ଓ ସାହିତ୍ୟିକ ଡ. ହରିହର ଦାସ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଡ. ପୁଷ୍ପା ପାତ୍ର ଓ ସମ୍ମାନିତ ବକ୍ତା ଭାବେ ପ୍ରାବନ୍ଧିକ ଶିକ୍ଷାବିତ ଡ. ମୋହିତ କୁମାର ଷଡ଼ଙ୍ଗୀ, ବରିଷ୍ଠ ଆଇନଜୀବି ବିଭୁପ୍ରସାଦ ଦାସ ଓ ବିଶେଷ ସମ୍ମାନିତ ଅତିଥି ଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଯୋଗଦେଇ ମହାରାଜାଙ୍କ ଶାସନ ସମୟରେ 'ସେବା'କୁ ମୂଳମନ୍ତ୍ର ଭାବେ ଲକ୍ଷ୍ୟ ରଖି ପ୍ରଜାଙ୍କ ମଙ୍ଗଳ ଓ ସର୍ବବିଧ ଉନ୍ନତି ପାଇଁ ତାଙ୍କର ସମର୍ପଣ ଭାବ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ପରିଷଦର ବରିଷ୍ଠ ସଦସ୍ୟ ପ୍ରଦୀପ ଲେଙ୍କା, ଆଶିଷ ମହାନ୍ତି, ବିଜୟ ମହାପାତ୍ର, ହରେନ୍ଦ୍ର ଭଞ୍ଜ, ମାନସ ଷଡ଼ଙ୍ଗୀ, କନିକା ସେନାପତି ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ । ଶେଷରେ ଉପ ସଭାପତି ଅଶୋକ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଶ୍ରୀଶ୍ରୀ ଠାକୁର କେଶବଚନ୍ଦ୍ରଙ୍କ ସ୍ୱଧାମ ପ୍ରତ୍ୟାବର୍ତ୍ତନ



**ବାରିପଦା, ୧୯ ।୧୨(ସମିସ):** ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଋତିଜ୍ୟୋତି ଆଶ୍ରମ ବାରିପଦା ଶାଖା ତରଫରୁ ଶ୍ରୀଶ୍ରୀ ଠାକୁର କେଶବ ଚନ୍ଦ୍ରଙ୍କ ପ୍ରତ୍ୟାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ୫୦ ଜଣଙ୍କୁ କମ୍ବଳ ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସମାଜସେବୀ ଅମର ସେଠୀ, ପ୍ରଦୀପ ବେହେରା, ଅରବିନ୍ଦ ଜ୍ୟୋତିଷୀ, ପ୍ରହଲ୍ଲାଦ ନାୟକ ଓ ସୁଶାନ୍ତ କୁମାର ଜେନା ଅତିଥି ଭାବରେ ଯୋଗଦେଇଥିଲେ । ଭଗବତୀ ଭୂୟାଁ, ମମତା ସାହୁ, ପ୍ରଭାବତୀ ପ୍ରଧାନ, ଲଳିତା ଜେନା, ଗଣେଶ ବେହେରା, ବସନ୍ତ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ବରିଷ୍ଠ ସଭ୍ୟ କମଳ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ଆନ୍ତଃ କ୍ଲାସ୍ ଫୁଟ୍‌ବଲ୍ ପ୍ରତିଯୋଗିତା ଉଦ୍‌ଯାପିତ

# ରାଜମଲ୍ ଓ ମନୋଜ ସର୍ବଶ୍ରେଷ୍ଠ ଖେଳାଳି



**ବାରିପଦା, ୧୯ ।୧୨(ସମିସ):** ଦୀର୍ଘବର୍ଷର ବ୍ୟବଧାନ ପରେ ଏମକେସି ହାଇସ୍କୁଲର ପୁରାତନ ଛାତ୍ର ସଂସଦ ସୌଜନ୍ୟରେ ବିଦ୍ୟାଳୟର ୮ଟି ଟିମକୁ ନେଇ ଜୁନିୟର ଓ ସିନିୟର ଗ୍ରୁପ ମଧ୍ୟରେ ଚାଲିଥିବା ଦୁଇଦିନିଆ ଆନ୍ତଃ କ୍ଲାସ୍ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ପ୍ରଧାନଶିକ୍ଷୟିତ୍ରୀ ବାସନ୍ତୀ ଟୁଡୁଙ୍କ ପୌରୋହିତ୍ୟରେ ଉଦଘାଟନ ସମାରୋହ ସମ୍ପନ୍ନ ହେବା ପରେ ଜୁନିୟର ଗ୍ରୁପରେ ସପ୍ତମ ଶ୍ରେଣୀର ୟେଲୋ ଓ ଗ୍ରୀନ ଟିମ୍ ଏବଂ ସିନିୟର ଗ୍ରୁପରେ ନବମ ଶ୍ରେଣୀର ବ୍ଲୁ ଓ ଦଶମ ଶ୍ରେଣୀର ଗ୍ରୀନ ଟିମ୍ ଫାଇନାଲକୁ ଉନ୍ନୀତ ହୋଇଥିଲେ । ଜୁନିଅର ବର୍ଗର ଫାଇନାଲ ଖେଳରେ ସପ୍ତମ ଶ୍ରେଣୀ ୟିଓଲ ଟିମ୍ ଚାମ୍ପିଅନ, ସପ୍ତମ ଶ୍ରେଣୀ ଗ୍ରୀନ ଟିମ୍ ରନର୍ସ ଅପ୍ ଓ ସିନିୟର୍ ବର୍ଗରେ ଦଶମ ଶ୍ରେଣୀ ଗ୍ରୀନ ଟିମ୍ ଚାମ୍ପିଅନ, ନବମ ଶ୍ରେଣୀ ବ୍ଲୁ ଟିମ୍ ରନର୍ସ ଅପ୍ ଭାବେ ଟାଇଟଲ ହାସଲ କରିଛି । ବିଜେତା ଟିମର ଖେଳାଳି ରାଜମଲ୍ ହେମ୍ବ୍ରମ ଓ ମନୋଜ ହାଁସଦା ସର୍ବଶ୍ରେଷ୍ଠ ଖେଳାଳି ଭାବେ ସମ୍ମାନିତ ହୋଇଥିଲେ । ପୁରସ୍କାର ବିତରଣ ଉତ୍ସବରେ ସଂସଦର ସଭାପତି ପୂର୍ଣ୍ଣେନ୍ଦୁ ଦାସଙ୍କ ପୌରୋହିତ୍ୟରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ମୁଖ୍ୟଅତିଥି, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ବିଶେଷ ଅତିଥି ଓ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବାସନ୍ତୀ ଟୁଡୁ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଚାମ୍ପିଅନ ଓ ରନର ଅପ୍ ଦଳକୁ ଯଥାକ୍ରମେ ଅମଲେନ୍ଦୁ ଦାସ ମେମୋରିଆଲ ଓ ବିନୟ ବାନାର୍ଜୀ ମେମୋରିଆଲ ଟ୍ରଫି ପ୍ରଦାନ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନର ସମ୍ପାଦକ ବିଜୟ କୁମାର ଦାସ, ଫୁଟବଲ୍ ସମ୍ପାଦକ ଅମର ସେଠୀ, ପୁରାତନ ଛାତ୍ର ଭାବେ ବୟୋଜ୍ୟେଷ୍ଠ ଫୁଟବଲ ଖେଳାଳି ଅମୂଲ୍ୟ ମିଶ୍ର, ସେଙ୍ଗେଲ ସିଂ ସୋରେନ୍, ଯଦୁନାଥ ମାଝୀ, ନନ୍ଦଲାଲ ମହାପାତ୍ର, ଅଶ୍ୱିନୀ ଦାଶ, ହରିଶ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ପୁରାତନ ଛାତ୍ର ଓ ଫୁଟବଲ ଖେଳାଳି ପ୍ରଦୀପ କିଶୋର ମହାନ୍ତିଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ । ସଂସଦ ଉପସଭାପତି ଡ. ଅକ୍ଷୟ କୁମାର ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ଚେକ୍ ବାଉନ୍ସ ମାମଲାରେ ୧ ବର୍ଷ କାରାଦଣ୍ଡାଦେଶ

ବାରିପଦା, ୧୯ ।୧୨(ସମିସ): ବାରିପଦା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ଏକ ଚେକ ବାଉନ୍ସ ମାମଲାର ରାୟ ପ୍ରକାଶ ପାଇଛି । ବିଚାରପତି ଉକ୍ତ ମାମଲାର ବିଚାର କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ୧ବର୍ଷର କାରାଦଣ୍ଡ ଭୋଗିବା ନିମନ୍ତେ ଆଦେଶ ପ୍ରଦାନ କରିଛନ୍ତି । ଏଥିସହିତ ୪ଲକ୍ଷ ୮ହଜାର ୭୫୬ଟଙ୍କା ଜୋରିମାନା ପୈଠ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଅନାଦେୟ ଅଧିକ ୩ମାସ କାରାଦଣ୍ଡ ନେଇ ଉଲ୍ଲେଖ କରିଛନ୍ତି । ଆସାମୀ ଜଣକ ହେଲେ ଲାଲ ବଜାର ୱାର୍ଡ ନମ୍ବର ୪ ଅଞ୍ଚଳର ବିଶିକେଶନ ସାହୁ । ସୂଚନା ଯୋଗ୍ୟ ଯେ, ଶ୍ରୀ ସାହୁ ବ୍ୟବସାୟୀ ନିମନ୍ତେ ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କର ବାରିପଦା ଶାଖାରୁ ୨ଲକ୍ଷ ଟଙ୍କା ଋଣ ନେଇଥିଲେ । ଋଣ ପରିଶୋଧ ନିମନ୍ତେ ୨ଲକ୍ଷ ୪ହଜାର ୩୨୮ ଟଙ୍କାର ବ୍ୟାଙ୍କ ଚେକ ପ୍ରଦାନ କରିଥିଲେ । ତେବେ ଉକ୍ତ ଚେକର ବ୍ୟାଙ୍କ ଆକାଉଣ୍ଟରେ ପର୍ଯ୍ୟାପ୍ତ ପରିମାଣର ଅର୍ଥ ନ ଥିବାରୁ ଚେକ ବାଉନସ ହୋଇଯାଇଥିଲା । ଏହାକୁ ନେଇ ଶାଖା ମ୍ୟାନେଜର ଏସଡିଜେଏମ କୋର୍ଟରେ ଅଭିଯୋଗ କରିବା ପରେ ମାମଲା ରୁଜୁ ହୋଇଥିଲା । ତେବେ ପରେ ଉକ୍ତ ମାମଲା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତକୁ ଯାଇଥିଲା । ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ବିଚାରପତି ଉପରୋକ୍ତ ଶୁଣାଣି କରିଛନ୍ତି । ଉକ୍ତ ମାମଲାକୁ ବ୍ୟାଙ୍କ ପକ୍ଷରୁ ଆଇନଜୀବୀ ବଟକୃଷ୍ଣ ପାଢ଼ୀ ପରିଚାଳନା କରୁଥିଲେ ।

## ଆଜି ବାରିପଦା ସହରରେ ୫ ଘଣ୍ଟା ବିଦ୍ୟୁତ୍ କାଟ୍

**ବାରିପଦା, ୧୯ ।୧୨(ସମିସ):** ରକ୍ଷଣାବେକ୍ଷଣ ନିମନ୍ତେ ଶୁକ୍ରବାର ବାରିପଦା ସହରରେ ୫ଘଣ୍ଟା ପାଇଁ ବିଦ୍ୟୁତ କାଟ ହେବ । ମରାମତି କାର୍ଯ୍ୟ ନିମନ୍ତେ ପୂର୍ବାହ୍ନ ୧୦ଘଟିକାରୁ ଅପରାହ୍ନ ୩ଟା ଯାଏ ବିଦ୍ୟୁତ ସରବରାହ ବନ୍ଦ ରହିବ । ଫଳରେ ବାରିପଦା ସହର ସେକ୍ସନ ଅନ୍ତର୍ଗତ କେତେକ ସ୍ଥାନରେ ବିଦ୍ୟୁତ୍ ସରବରାହ ବନ୍ଦ ରହିବ । ଏନେଇ ଟିପିଏନଓଡିଏଲ ପକ୍ଷରୁ ଉପଭୋକ୍ତାଙ୍କୁ ଜଣାଇବା ସହ ସହଯୋଗ କାମନା କରିଛନ୍ତି ।

## କଣ୍ଟାପାଳ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



**ବାରିପଦା, ୧୯ ।୧୨(ସମିସ):** ଶାମାଖୁଣ୍ଟା ବ୍ଲକ ଅନ୍ତର୍ଗତ କଣ୍ଟାପାଳ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ଅମିତାଭ ମିଶ୍ର କ୍ରୀଡା ଉତ୍ସବକୁ ଉଦଘାଟନ କରି ଛାତ୍ରଛାତ୍ରୀଙ୍କୁ ଅଧ୍ୟୟନ ସହ କ୍ରୀଡା କ୍ଷେତ୍ରରେ ମନୋନିବେଶ କରିବାକୁ ପରାମର୍ଶ ଦେଇଥିଲେ । ବ୍ୟକ୍ତିର ସମ୍ପୂର୍ଣ୍ଣ ବିକାଶ ପାଇଁ କ୍ରୀଡା ଏକାନ୍ତ ଅପରିହାର୍ଯ୍ୟ ବୋଲି ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରିଥିଲେ । ସବ୍ ଜୁନିୟର ଗ୍ରୁପର ଚାମ୍ପିଅନ ଛାତ୍ର ପୁପୁନ ନାଏକ, ଛାତ୍ରୀ ରୂପାଲି ନାଏକଙ୍କୁ ଶୀତଲ ପ୍ରସାଦ ନାୟକ ମେମୋରିଆଲ ଟ୍ରଫି, ଜୁନିୟର ଗ୍ରୁପର ଚାମ୍ପିଅନ ଛାତ୍ର ସମୀର କାଣ୍ଡି, ଛାତ୍ରୀ ଭାଗ୍ୟଲକ୍ଷ୍ମୀ ଦାସଙ୍କୁ ସୁଧାଂଶୁ ଶେଖର ଦଣ୍ଡପାଟ ମେମୋରିଆଲ ଟ୍ରଫି ଏବଂ ସିନିୟର ଗ୍ରୁପ୍‌ର ଚାମ୍ପିଅନ ଛାତ୍ର ଶ୍ରୀତମ ସିଂହ, ଛାତ୍ରୀ ଲକ୍ଷ୍ମୀ ନାଏକଙ୍କୁ ଚିତ୍ତରଞ୍ଜନ ପତି ମେମୋରିଆଲ ଟ୍ରଫି ପ୍ରଦାନ କରାଯାଇଥିଲା । ଶାରୀରିକ ଶିକ୍ଷା ଶିକ୍ଷକ ମହେଶ ସେଠୀଙ୍କ ସମ୍ପାଦନାରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

## ଗୋରୁ ବୋଝେଇ ଡାଲାଅଟୋ ଜବତ

**କୁଆମରା, ୧୯।୧୨(ସମିସ):** ଖୁଣ୍ଟା ଥାନା ପୁଲିସ ଗୁରୁବାର ସକାଳେ ଏକ ଗୋରୁ ବୋଝେଇ ଅଟୋକୁ ଜବତ କରିଛି । ଏକ ଡାଲା ଅଟୋରେ ୪ଟି ଗୋରୁ ବୋଝେଇ କରି ଗୋପବନ୍ଧୁ ନଗର ବ୍ଲକ ଅଛଡା-ସାନବେଲାକୁଟି ରାସ୍ତାରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଯାଇଥିଲା । ଫଳରେ ଅଟୋଟି ଆଉ ଆଗକୁ ଯାଇପାରିନଥିଲା । ପରେ ଚାଳକ ଅଟୋ ଛାଡି ଫେରାର ହୋଇଯାଇଛି । ପୁଲିସ ଖବର ପାଇ ଅଟୋକୁ ଜବତ କରିବା ସହ ପୁଲିସ ଏକ ମାମଲା ରୁଜୁ କରିଛି । ଜବତ ହୋଇଥିବା ଗୋରୁଗୁଡିକ ବାରିପଦା ସ୍ଥିତ ପୋଡା ଅସ୍ତିଆ ଗୋଶାଳାକୁ ପଠାଇ ଦିଆଯାଇଛି ବୋଲି ଥାନା ଅଧିକାରିଣୀ ସୁଜାତା ଖମାରୀ ସୂଚନା ଦେଇଛନ୍ତି ।

## ଜିଲ୍ଲାସ୍ତରୀୟ ମାନସିକ ସ୍ୱାସ୍ଥ୍ୟ ସଚେତନତା ବୈଠକ

# ମାନସିକ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହନ ଓ ଶକ୍ତିଶାଳୀ କରିବା ଲକ୍ଷ୍ୟ




ବାରିପଦା, ୧୯ ।୧୨(ସମିସ)

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜିଲ୍ଲାସ୍ତରୀୟ ମାନସିକ ସ୍ୱାସ୍ଥ୍ୟ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଏବଂ ଅଲ ଇଣ୍ଡିଆ ଇନଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ ଦ୍ୱାରା ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମକୁ ମୟୂରଭଞ୍ଜ ଜିଲ୍ଲାରେ ପରିବ୍ୟାପ୍ତ କରିବା ପାଇଁ ବୈଠକରେ ଆଲୋଚନା ହୋଇଛି । ବୈଠକରେ ଜିଲ୍ଲା ସଂଯୋଜକ ଡା ପ୍ରଜ୍ଞାପାରମିତା ଗିରି ବୈଠକରେ ପୌରୋହିତ୍ୟ କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷିକା ସବିତା ମାଝୀ, ଜିଲ୍ଲା ଚିକିତ୍ସାଧିକାରୀ ଡା ବିଜୟ କୁମାର ଦାସ, ଜିଲ୍ଲା ମେଡିକାଲ ଅଧିକାରୀ ଡା ଜ୍ଞାନରଞ୍ଜନ ମହାନ୍ତି, କାର୍ଯ୍ୟନିର୍ବାହୀ ସଂଯୋଜିକା ଡା ଦେବଦତ୍ତା, ଡା ମାନସ ରଞ୍ଜନ ଦାସ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣି ପ୍ରମୁଖ ଯୋଗ ଦେଇଥିଲେ । ବର୍ତ୍ତମାନର ଜୀବନ ଶୈଳୀ ସମ୍ପର୍କରେ ପାଠ, ବିଭିନ୍ନ ପ୍ରକାର ଚିନ୍ତା ଲୋକଙ୍କୁ ମାନସିକ ରୋଗରେ ପୀଡିତ କରାଇଥାଏ । ମାନସିକ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହନ ଓ ଶକ୍ତିଶାଳୀ କରିବାର ସରକାରଙ୍କ ଲକ୍ଷ୍ୟ । ଏଣୁ ମାନସିକ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହନ ଦେବା ପାଇଁ ଡବ୍ଲ୍ୟୁଏଚଓ ପ୍ରମାଣ ଗୁଡିକର ମୂଲ୍ୟାଙ୍କନ କରୁଛି । ସୂଚନା ଥାଉକି, ଜିଲ୍ଲାରେ ଏହି ସମସ୍ୟାର ନିଦାନ ପାଇଁ ତୃଣମୂଳ ସ୍ତରରେ କିଭଳି କାର୍ଯ୍ୟ କରାଯିବାର ଆବଶ୍ୟକତା ରହିଛି ସେ ନେଇ ଡା ଗିରି ସୂଚନା ଦେଇଥିଲେ । ଏହି ପରିପ୍ରେକ୍ଷୀରେ ମାନସିକ ବିଷୟବସ୍ତୁ ଅଧ୍ୟୟନ, କିଶୋର, କିଶୋରୀଙ୍କ ନିକଟରେ ଦେଖାଯାଉଥିବା ମାନସିକ ସମସ୍ୟା ଓ ଏହାର ଚିକିତ୍ସା ପାଇଁ ଯଥେଷ୍ଟ ପଦକ୍ଷେପ ନିଆଯିବ । ଜିଲ୍ଲାରେ ଥିବା ସମସ୍ତ ଆଦିବାସୀ କ୍ଲଷ୍ଟରରେ ଏହି ସମସ୍ୟା ଜନିତ ବିଶେଷ ପଦକ୍ଷେପ ନିଆଯିବା ସହିତ କିଭଳି ଭାବେ ଏହି ମାନସିକ ସ୍ୱାସ୍ଥ୍ୟ ଜନିତ ସଚେତନତାକୁ ତ୍ୱରାନ୍ୱିତ କରାଯିବ ସେ ନେଇ ଆଲୋଚନା ହୋଇଥିଲା । ପରିବର୍ତ୍ତିତ ଜୀବନଶୈଳୀ ମଧ୍ୟରେ ମାନସିକ ସ୍ୱାସ୍ଥ୍ୟ ଏକ ବଡ଼ ଆହ୍ୱାନ । କାରଣ ବର୍ତ୍ତମାନ ସମୟରେ ଚାପ, ଚିନ୍ତା ଏବଂ ଉଦାସୀନତା ଗମ୍ଭୀର ସମସ୍ୟା ଭାବେ ଉଭା ହୋଇଛି । ତଥାପି ଲୋକେ ମାନସିକ ରୋଗକୁ ଗୁରୁତର ରୂପେ ନିଅନ୍ତି ନାହିଁ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ କହିଥିଲେ । ଏହି ସମସ୍ୟାକୁ କିଭଳି ତୃଣମୂଳ ସ୍ତରରେ ମୁଳୋତ୍ପାଟନ କରିହେବ ସେ ବିଷୟରେ ପ୍ରତ୍ୟେକ ମଣିଷ ଧ୍ୟାନ ଦେବା ଆବଶ୍ୟକ । ସୂଚନା ଥାଉ କି, ରାଜ୍ୟର ୫ଟି ଜିଲ୍ଲା ମୟୂରଭଞ୍ଜ, ଗଜପତି, ଝାରସୁଗୁଡା, ଅନୁଗୁଳ, କେନ୍ଦୁଝରରେ ଏହି କାର୍ଯ୍ୟକ୍ରମ ବିଶେଷ ଅଂଶ ହେବେ ବୋଲି ମନ୍ତ୍ରାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

ORMAS

## ଦକ୍ଷତା ବିକାଶ



ମୁଁ **ପ୍ରଭାକର ବିର** । ମୋ ଘର ଗଜପତି ଜିଲ୍ଲା ଅନ୍ତର୍ଗତ କାଶୀନଗର ବ୍ଲକ୍ ର ସିଦ୍ଧାମଡଙ୍ଗ ଗାଁ ରେ । ମୁଁ +୨ ଉତ୍ତୀର୍ଣ୍ଣ ହେଲା ପରେ ମୁଁ ଏବଂ ଆମ ପରିବାର ନିଜ ଗାଁ ରେ ଛୋଟ ମୋଟ କାମ କରି ବଞ୍ଚି ଯାଉଥିଲୁ । ୨୦୧୮ ମସିହାର ଅକ୍ଟୋବର ମାସ ୧୮ ତାରିଖ ପ୍ରକୃତିର ସେଇ ତାଣ୍ଡବ ଲୀଳା "ତିତିଲି ମହାବାତ୍ୟା" ଆମର ସେଇ ଛୋଟ ମୋଟ ରୋଜଗାରକୁ ଠପ କରିଦେଇଥିଲା । ମୁଁ ଓରମାସ ଦ୍ୱାରା **ଡିଡିୟୁ-ଜିକେୱାଇ ସିକ୍ୟୁରିଟି ଗାର୍ଡ** ରେ ତାଲିମ ନେବା ପାଇଁ ଗଲି । ମୁଁ ତାଲିମ ଶେଷ କରିବାପରେ ମୁଁ ହାଇଦରାବାଦର ବିମାନ ବନ୍ଦରରେ ସିକ୍ୟୁରିଟି ଗାର୍ଡ ଚାକିରି ରେ ନିଯୁକ୍ତି ହେଲି । ସେଠାରେ ମୁଁ ପ୍ରଥମେ ମାସକୁ ପ୍ରାୟ ୧୨,୦୦୦/- ଟଙ୍କା ପାଇଲି । ମୋର କିଛି ଅଭିଜ୍ଞତା ହେଲା ପରେ ମୁଁ ସେ ଚାକିରି ଛାଡିଦେଇ ବର୍ତ୍ତମାନ ଇଣ୍ଡିଗୋ ଏୟାର ଲାଇନ୍ସ ରେ ମାସିକ ୩୦,୦୦୦/- ଟଙ୍କା ପାଉଛି । ସରକାରଙ୍କର ଏହି ଯୋଜନା ପାଇଁ ଆଜି ମୁଁ ଏହି ସଫଳତା ପାଇପାରିଛି । ତେଣୁ ମୁଁ ଜିଲ୍ଲା ପ୍ରଶାସନକୁ ମୁଁ ଅନେକ ଅନେକ ଧନ୍ୟବାଦ ଜଣାଉଛି ।

## ଜୀବିକା

ଓରମାସ୍ ସହାୟତାରେ ଗଜପତି ଜିଲ୍ଲାର ରା. ଉଦୟଗିରି ବ୍ଲକର ରାମଗିରି ଠାରେ ଏକ ହଳଦୀ ଉତ୍ପାଦକ କେନ୍ଦ୍ର ସ୍ଥାପନ କରାଯାଇଅଛି । ଯେଉଁ ଉତ୍ପାଦକ ଉଦ୍ୟୋଗୀ, ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରାୟ ୨୧୫ ଜଣ ମହିଳା ଓ ହଳଦୀ ଚାଷୀ ଉପକୃତ ହେବେ । ତତ୍ ସଙ୍ଗେ ସଙ୍ଗେ ରା. ଉଦୟଗିରି ବ୍ଲକ ଓ ଗୁମ୍ମା ବ୍ଲକରେ ଗ୍ରାମୀଣ ଉଦ୍ୟୋଗ ପାର୍କ ଗଠନ କରିବାକୁ ଯୋଜନା କରାଯାଇଅଛି । ଏହା ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀର ମହିଳାମାନେ ଉପକୃତ ହେବା ସହ SHG କୁ SME ରେ ପରିଣତ କରିବା ପାଇଁ ମୁଖ୍ୟ ଲକ୍ଷ୍ୟ । ମୁଖ୍ୟ ମନ୍ତ୍ରୀ ମକା ମିଶନ ଯୋଜନାରେ ମୋହନା ଓ ରା. ଉଦୟଗିରି ବ୍ଲକରେ ଦୁଇଟି ମକା FPO ଓ ଗୋଟିଏ ମକା ପ୍ରକ୍ରିୟା କରଣ କେନ୍ଦ୍ର କରିବା ପାଇଁ ଯୋଜନା କରାଯାଇଅଛି ।

## ଭଦ୍ରକ ବସ୍‌ଷ୍ଟାଣ୍ଡ ଏବେ ଅସାମାଜିକଙ୍କ ଆଡ୍ଡାସ୍ଥଳ

# ଚାନ୍ଦା ପାଇଁ ଗୋଡ଼ାଇ ଗୋଡ଼ାଇ ହାଣିଲେ

ଭଦ୍ରକ, ୧୯ ।୧୨(ସମିସ)




କାର୍ଯ୍ୟକ୍ଷମ ହୋଇନଥିବା ୧୬ ନମ୍ବର ଜାତୀୟ ରାଜକଡ ସଂଲଗ୍ନ ଭଦ୍ରକ ବସ୍‌ଷ୍ଟାଣ୍ଡଟି ଏବେ ଅସାମାଜିକଙ୍କ ଆଡାସ୍ଥଳୀ ପାଲଟିଛି। ବସ୍‌ଷ୍ଟାଣ୍ଡ ସମ୍ମୁଖ ଗେଟ ପାଖ ବିଟ୍ ରାସ୍ତାରେ ଗତକାଲି ରାତିରେ ୩ ଜଣ ନିଶାସକ୍ତ ଯୁବକ ଜଣେ ଅଣ୍ଡା ବୋଝେଇ ଟ୍ରକ୍‌ର ଚାଳକଙ୍କୁ ଚାନ୍ଦା ମାଗି ବିଫଳ ହେବାରୁ ଗୋଡ଼ାଇ ଗୋଡ଼ାଇ ହାଣିଛନ୍ତି। ସୂଚନାନୁଯାୟୀ,

### ଅଣ୍ଡା ଟ୍ରକ୍ ଚାଳକଙ୍କ ସହ ୩ ଗୁରୁତର

ଗତକାଲି ରାତି ପ୍ରାୟ ସାଢେ ୧୦ଟା ବେଳେ ଉକ୍ତ ଟ୍ରକର ଚାଳକ ଅଣ୍ଡା ଅନ୍‌ଲୋଡ୍ କରିବା ପାଇଁ ଭଦ୍ରକ ବସ୍‌ଷ୍ଟାଣ୍ଡ ନିକଟରେ ଗାଡିକୁ ରଖିଥିଲେ। ହଠାତ ୩ଜଣ ନିଶାସକ୍ତ ଯୁବକ ଆସି ଡ୍ରାଇଭରଙ୍କୁ ଟଙ୍କା ମାଗିଥିଲେ। ସେ ନ ଦେବାରୁ ତାଙ୍କୁ ମାଡ଼ ମାରିଥିଲେ। ସେ ନିରୁପାୟ ହୋଇ ଟ୍ରାନ୍ସପୋର୍ଟ ମାଲିକ ଚରମ୍ପା ଅଞ୍ଚଳର ପି.ବାସୁଙ୍କୁ ଫୋନ କରିଥିଲେ। ପି. ବାସୁ ତାଙ୍କର ୨ଜଣ ସହଯୋଗୀଙ୍କ ସହ ଆସିବାରୁ ଏହି ୩ ଜଣ ଯୁବକ ସହ ଯୁକ୍ତିତର୍କ ହୋଇଥିଲା। ଏଥିରେ ୩ ଜଣ ନିଶାସକ୍ତ ଯୁବକ ଉତ୍କ୍ଷିପ୍ତ ହୋଇ ଗୋଡ଼ାଇ ଗୋଡ଼ାଇ ଛୁରି, ଭୁଜାଲି, ବ୍ଲେଡରେ ଆକ୍ରମଣ କରିଥିଲେ। ଏଥିରେ ଟ୍ରାନ୍ସପୋର୍ଟ ମାଲିକ, ଅଣ୍ଡା ବେପାରୀ ଓ ଅଟୋ ମାଲିକ ଗୁରୁତର ହୋଇଥିଲେ। ଉପାୟ ନପାଇ ସେମାନେ ସେଠାରୁ ଅଟୋ ଯୋଗୁଁ ଭଦ୍ରକ ଟାଉନ ଥାନାକୁ ଆସିଥିଲେ। ଏଥିରେ ନିଶାସକ୍ତ ଯୁବକ ମଧ୍ୟ ତାଙ୍କୁ ରାସ୍ତା ସାରା ଗୋଡ଼ାଇ ଆକ୍ରମଣ କରିଥିଲେ। କିଛି ସମୟ ପରେ ଟାଉନ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ୍ୟ ନିଶାସକ୍ତ ଯୁବକମାନେ ଟ୍ରାନ୍ସପୋର୍ଟ ମାଲିକଙ୍କ ଗାଡିକୁ ନେଇ ପଳେଇଥିଲେ। ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଟ୍ରାନ୍ସପୋର୍ଟ ମାଲିକ, ଅଣ୍ଡା ବେପାରୀ ଓ ଅଟୋ ମାଲିକଙ୍କୁ ଭର୍ତ୍ତି କରାଯାଇଛି। ପୁଲିସ ଘଟଣାର ତଦନ୍ତ କରୁଛି। ସୂଚନାଯୋଗ୍ୟ, ପ୍ରାୟ ୫କୋଟି ବ୍ୟୟରେ ଅତ୍ୟାଧୁନିକ ଢଙ୍ଗରେ ଭଦ୍ରକ ବସ୍‌ଷ୍ଟାଣ୍ଡଟି ନିର୍ମିତ ହୋଇଥିଲେ ବି ଏଯାଏଁ କାର୍ଯ୍ୟକ୍ଷମ ହୋଇନାହିଁ। ଫଳରେ ନିଶା ବେପାରୀ, ଗୋରୁ ମାଫିଆ, କୋଇଲା ମାଫିଆଙ୍କ ଚାରଣ ଭୂମି ପାଲଟିଛି। ରାତିରେ ବସ୍‌ଷ୍ଟାଣ୍ଡ ପରିସରରେ ଯୁବକମାନେ ନିଶାସକ୍ତ ହୋଇ ପାର୍ଟି ଆୟୋଜନ କରି ବାଣ ଫୁଟାଇବା ଘଟଣା ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

### ସ୍କୁଲ ପରିସରରୁ ଗଛକଟାକୁ ନେଇ କର୍ତ୍ତୃପକ୍ଷଙ୍କ ବିରୋଧରେ ଅପପ୍ରଚାର ଅଭିଯୋଗ

**ଠାକୁରମୁଣ୍ଡା, ୧୯।୧୨ (ସମିସ):** ଠାକୁରମୁଣ୍ଡା ମା' ବାସୁଳୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବିପଦ ସଂକୁଳ ଅବସ୍ଥାରେ ଥିବା ପୁରୁଣା ଆକାଶିଆ ଓ ୟୁକାଲିପଟାସ ଗଛକୁ କାଟି ସେହି ସ୍ଥାନରେ ଶ୍ରେଣୀ ଗୃହ ନିର୍ମାଣ ପାଇଁ ଗତ ୨୦୨୨ ମସିହା ଡିସେମ୍ବର ୨୨ ତାରିଖରେ କଲେଜ ପରିଚାଳନା କମିଟି ବୈଠକରେ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା। ପ୍ରସ୍ତାବ ଗୃହୀତ ହେବାପରେ ଏଥିପାଇଁ ବନଖଣ୍ଡ ଅଧିକାରୀଙ୍କ ଅନୁମତି ପାଇଁ ଅନୁରୋଧ କରାଯାଇଥିଲା। ସେହି ଅନୁସାରେ ବନଖଣ୍ଡ ଅଧିକାରୀଙ୍କ ଅନୁମୋଦନ କ୍ରମେ ଗଛଗୁଡିକୁ କଟାଯାଇ ବିକ୍ରି ଅର୍ଥ କଲେଜ ଖାତାକୁ ଆସିଛି ବୋଲି ଅଧ୍ୟକ୍ଷ ସୂଚନା ଦେଇଛନ୍ତି। ତେବେ ଏହି ଘଟଣାକୁ ନେଇ ଜନୈକ ବ୍ୟକ୍ତି ମନ୍ଦ ଉଦ୍ଦେଶ୍ୟ ରଖି କଲେଜ କର୍ତ୍ତୃପକ୍ଷଙ୍କୁ ତଥ୍ୟ ମାଗିଥିଲେ; ହେଲେ ସେ ତଥ୍ୟ ନ ଦେବାରୁ ଆରଟିଆଇ ଯୋଗେ ଏ ବାବଦରେ ତଥ୍ୟ ମାଗି ଉତ୍ତର ପାଇସାରିବା ପରେ ଏଭଳି ଅପପ୍ରଚାର କରୁଥିବା ଅଭିଯୋଗ ହୋଇଛି। ଗତ ୧୬ ତାରିଖରେ ଏ ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହେବା ପରେ ଜିଲ୍ଲାପାଳ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

## ଅଙ୍ଗନବାଡ଼ି ସହାୟିକା ନିଯୁକ୍ତିରେ ଅନିୟମିତତା ଅଭିଯୋଗ

# କେନ୍ଦ୍ରରେ ତାଲା ପକାଇଲେ ମହିଳା



**ଠାକୁରମୁଣ୍ଡା, ୧୯ ।୧୨(ସମିସ):** ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଭରାଣ୍ଡିଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାଉଁଶଡିହା ଗ୍ରାମର ରାଇଡିହା ସାହି ଅଙ୍ଗନବାଡ଼ି କେନ୍ଦ୍ରରେ ନୂତନ ସହାୟିକା ନିଯୁକ୍ତିରେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହୋଇଛି। ଏହି ଅନିୟମିତତାର ପ୍ରତିବାଦ ଜଣାଇ ଗ୍ରାମବାସୀ ଗତ ୧୨ ତାରିଖରୁ ଅଙ୍ଗନବାଡି କେନ୍ଦ୍ରରେ ତାଲା ପକାଇଛନ୍ତି। ଆଜକୁ ୮ ଦିନ ବିତିଯାଇଥିଲେ ମଧ୍ୟ ଏହି ଘଟଣାର ସମାଧାନ ପାଇଁ ସିଡିପିଓ ଏବଂ ସୁପରଭାଇଜର ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରି ବିଫଳ ହୋଇଛନ୍ତି। ସୂଚନା ଅନୁଯାୟୀ, ଉକ୍ତ ଅଙ୍ଗନବାଡି କେନ୍ଦ୍ରରେ ନୂତନ ସହାୟିକା ନିଯୁକ୍ତି ପାଇଁ ସିଡିପିଓଙ୍କ କାର୍ଯ୍ୟାଳୟରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଆବେଦନ ଓ ଯାଞ୍ଚ ପ୍ରକ୍ରିୟାର ଶେଷ ତାରିଖ ଥିବାବେଳେ ଅଙ୍ଗନବାଡି କର୍ମୀ ଏହି ନୋଟିସକୁ ଲୋକଙ୍କୁ ନ ଜଣାଇ ନିଜର ପୁତ୍ରବଧୂଙ୍କୁ ଆବେଦନ କରାଇଥିଲେ ବୋଲି ଅଭିଯୋଗ ହୋଇଛି। ତେବେ ସମସ୍ତଙ୍କ ଘରେ ଏହି ନୋଟିସ ବୁଲା ଯାଇନଥିବା ବେଳେ ପଞ୍ଚାୟତରେ ନୋଟିସ୍ ଦିଆଯାଇଥିବା ପ୍ରକାଶ କରିଥିଲେ। ତେବେ ଗ୍ରାମବାସୀ ଏହାକୁ ସୁଭଦ୍ରା ପାଇଁ ଦସ୍ତଖତ କରାଯାଇଥିବା ଅଭିଯୋଗ କରିଥିବା ବେଳେ ସହାୟିକା ପଦ ନିଯୁକ୍ତି ପାଇଁ କେବଳ ଜଣେ ଆବେଦନ କରିଥିଲେ; ହେଲେ ସେ ଅଙ୍ଗନବାଡି କର୍ମୀଙ୍କ ନିଜ ବୋହୂ ହୋଇଥିବାରୁ ଗ୍ରାମବାସୀ ବିରୋଧ କରୁଛନ୍ତି। ତାଙ୍କୁ ଛାଡି ଅନ୍ୟ ଜଣ ମାଆଙ୍କୁ ଏହି ପଦରେ ନିଯୁକ୍ତି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହାକୁ ବିରୋଧ କରି ଗତ ୧୨ ତାରିଖରୁ ଗ୍ରାମର ମହିଳାମାନେ ଅଙ୍ଗନବାଡି କେନ୍ଦ୍ରରେ ତାଲା ପକାଇ ଦେଇଥିଲେ। ଏ ନେଇ ଗ୍ରାମବାସୀ ଉପଜିଲ୍ଲାପାଳ, ସିଡିପିଓଙ୍କୁ ଲିଖିତ ଭାବେ ଜଣାଇଥିଲେ। ସିଡିପିଓ ପ୍ରେମଲତା ସେଠୀ ଗତ ୧୩ ତାରିଖରେ ଗ୍ରାମରେ ପହଞ୍ଚି ବୁଝାସୁଝା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଗ୍ରାମର ମହିଳାମାନେ ନିଜ ଜିଦରେ ଅଟଳ ରହିଥିଲେ। ଏ ନେଇ ସିଡିପିଓ ପ୍ରେମଲତା ସେଠୀଙ୍କୁ ପଚାରିବାରୁ ନିଯୁକ୍ତିରେ କୌଣସି ଅନିୟମିତତା ହୋଇନାହିଁ। ବିଜ୍ଞପ୍ତି ବାବଦରେ ଅଙ୍ଗନବାଡ଼ି କର୍ମୀ ସମସ୍ତଙ୍କୁ ଜଣାଇଥିଲେ ବୋଲି ସେ ପ୍ରକାଶ କରିଥଲେ। ତେବେ ୮ ଦିନ ଧରି ତାଲା ପଡ଼ିବା ଯୋଗୁଁ ଅଙ୍ଗନବାଡି କେନ୍ଦ୍ରର ରୋଷେଇ କରି ଅଧା ଶିଶୁଙ୍କୁ ଖାଦ୍ୟ ଦିଆଯାଉଛି। ଏହି ଘଟଣାର ତୁରନ୍ତ ସମାଧାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ଚୋରା ଗଞ୍ଜେଇ ଜବତ; ଜଣେ ଗିରଫ

ବେତନଟୀ/ମାଣତ୍ରୀ, ୧୯ ।୧୨(ସମିସ): ମାଣତ୍ରୀ ଅଞ୍ଚଳରେ ଘରଜ୍ୱାଇଁ ଭାବରେ ରହି ଦୀର୍ଘବର୍ଷ ଚୋରା ଗଞ୍ଜେଇ କାରବାର କରିଆସୁଥିବା ଜନୈକ ବେପାରୀକୁ ଗୁରୁବାର ଗିରଫକରି କୋର୍ଟଚାଲାଣ କରିଛି ଅବକାରୀବିଭାଗ। ଗିରଫ ଅଭିଯୁକ୍ତ ଜଣକ ହେଉଛି ମାଣତ୍ରୀରେ ଘରଜ୍ୱାଇଁ ଭାବରେ ରହିଆସୁଥିବା ହେମନ୍ତ କୁମାର ସାହୁ(୫୧)। ସେ ମାଣତ୍ରୀରେ ଘରଜ୍ୱାଇଁ ଭାବରେ ରହି ଗଞ୍ଜେଇ କାରବାର ଚଳାଇ ଆସୁଥିଲା। ଖବରପାଇ ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ମିଳିତ ଚଢଉ କରାଯାଇଥିଲା। ଚଢଉ ସମୟରେ ପ୍ଲାଷ୍ଟିକ ଅଖାରେ ଭର୍ତ୍ତି ୪ ଶହ ଗ୍ରାମ ଓଜନର ଚୋରା ଗଞ୍ଜେଇ ଜବତ କରିଛି ଅବକାରୀ ବିଭାଗ।

### ଯୁବକଙ୍କ ମୃତ୍ୟୁକୁ ନେଇ ଥାନାରେ ମାମଲା

ରାଇରଙ୍ଗପୁର, ୧୯ ।୧୨(ସମିସ): ବିଶୋଇ ଥାନା ଅଞ୍ଚଳ କୁଆଝରି ଗାଁରେ ବୁଧବାର ଜଣେ ଯୁବକ ଅସୁସ୍ଥ ହେବା ପରେ ପରିବାର ଲୋକେ ପ୍ରଥମେ ବିଜାତଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପରେ ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ; ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ଜଣକ ହେଉଛନ୍ତି ବାଡ଼ା ମାର୍ଣ୍ଡି (୨୫)। ପୁଲିସ ମୃତଦେହକୁ ଜବତ କରି ରାଇରଙ୍ଗପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ବର୍ଗକୁ ହସ୍ତାନ୍ତର କରି ଘଟଣାର ଅଧିକ ତଦନ୍ତ କରୁଛି।

## ଶ୍ରେଣୀ ଗୃହରେ ଛାତ୍ରଙ୍କୁ ଅସଦାଚରଣ ଅଭିଯୋଗ

# ପ୍ରଧାନଶିକ୍ଷକଙ୍କ ବିରୋଧରେ ମାମଲା

**ରାଇରଙ୍ଗପୁର, ୧୯ ।୧୨(ସମିସ):** ଜଣେ ଛାତ୍ରଙ୍କୁ ଶ୍ରେଣୀ ଗୃହରେ ପ୍ରଧାନ ଶିକ୍ଷକ ଅସଦାଚରଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ପୂର୍ବରୁ ମଧ୍ୟ ସମ୍ପୃକ୍ତ ପ୍ରଧାନ ଶିକ୍ଷକ ଝରୋଡ଼ିହି ହାଇସ୍କୁଲରେ ଜଣେ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ନେଇ ଅଭିଯୋଗ ହେବା ପରେ ବିଜାତଳା ବ୍ଲକ କାଣାପାଟ ଜୁଡିଆ ଉଚ୍ଚ ବିଦ୍ୟାଳୟକୁ ଡେପୁଟେସନରେ ପଠାଯାଇଥିଲା। ସୂଚନା ଅନୁସାରେ, ବିଜାତଳା ବ୍ଲକ ଅଞ୍ଚଳ କାଣାପାଟ ସରକାରୀ ଉଚ୍ଚ ବିଦ୍ୟାଳୟ, ଜୁଡ଼ିଆରେ ଚଳିତ ମାସ ବିଜ୍ଞାନ ମେଳା ଆୟୋଜନ ପରେ ବ୍ୟବହୃତ ବେଞ୍ଚ ଓ ଡେସ୍କଗୁଡିକୁ ସ୍ଥାନାନ୍ତର ପାଇଁ ଛାତ୍ରଙ୍କୁ ନିୟୋଜିତ କରାଯାଇଥିଲା। ସେହି ସମୟରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଟୁକୁଲୁ ବାସ୍କେ ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କୁ ଶ୍ରେଣୀ ଗୃହ ଭିତରେ ଯୌନ ନିର୍ଯାତନା ଦେଇଥିଲେ। ଛାତ୍ର ଜଣକ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ କହିବା ପରେ ତାଙ୍କ ପରିବାର ସଦସ୍ୟ ଓ ଗ୍ରାମବାସୀ ଉତ୍ୟକ୍ତ ହୋଇ ବିଦ୍ୟାଳୟରେ ପହଞ୍ଚିଥିଲେ। ଏହା ପୂର୍ବରୁ ପ୍ରଧାନଶିକ୍ଷକ ଜରୁରୀ କାର୍ଯ୍ୟ ଆଳ ଦେଖାଇ ସେଠାରୁ ଖସି ପଳାଇଥିଲେ। ପରେ ୧୭ ତାରିଖରେ ଛାତ୍ରଙ୍କ ପରିବାର ଲୋକେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଘଟଣାକୁ ନେଇ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଗ୍ରାବାସୀ ଦାବି କରିଛନ୍ତି। ଘଟଣା ସମ୍ପର୍କରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଟୁକୁଲୁ ବାସ୍କେଙ୍କୁ ଯୋଗାଯୋଗ କରିବାରୁ ଏଥିରେ କୌଣସି ସତ୍ୟତା ନାହିଁ। କେବଳ ତାଙ୍କୁ ବଦନାମ କରିବା ପାଇଁ ଏହା ଚକ୍ରାନ୍ତ ବୋଲି କହିଥିଲେ।

# ଧାମରା ପୋର୍ଟକୁ କଳିଙ୍ଗ ସେଫ୍ଟି ଗୋଲ୍ଡ ଆୱାର୍ଡ




**ଭଦ୍ରକ, ୧୯ ।୧୨(ସମିସ):** ସୁରକ୍ଷା କ୍ଷେତ୍ରରେ ଆଦାନୀ ଧାମରା ପୋର୍ଟ ନିଜର ସର୍ବୋତମ ପ୍ରଦର୍ଶନ ଜାରି ରଖିଛି। ଏଥିପାଇଁ ଚଳିତ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ୧୫ତମ ଜାତୀୟ ସୁରକ୍ଷା ସମ୍ମିଳନୀରେ ଆଦାନୀ ଧାମରା ପୋର୍ଟକୁ ମିଳିଛି କଳିଙ୍ଗ ସେଫ୍ଟି ଗୋଲ୍ଡ ଆୱାର୍ଡ। ସମ୍ମିଳନୀରେ ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପୁରସ୍କାର ଆଦାନୀ ଧାମରା ପୋର୍ଟକୁ ପ୍ରଦାନ କରିଥିଲେ। ପୋର୍ଟ ପକ୍ଷରୁ, ମୁଖ୍ୟ ପରିଚାଳନା ଅଧିକାରୀ ସଞ୍ଜୀବ କୁମାର ଗୁପ୍ତା, ସୁରକ୍ଷା ମୁଖ୍ୟ ଜଗବନ୍ଧୁ ବେହେରା ଓ ଅନ୍ୟ ଅଧିକାରୀମାନେ ଏହି ପୁରସ୍କାର ଗ୍ରହଣ କରିଥିଲେ। ଆଦାନୀ ପୋର୍ଟସ ସ୍ୱତବ ଅର୍ଥନୈତିକ ଜୋନ୍ (ଏପିଏସ୍‌ଇଜେଡ୍)ର ସମ୍ପୂର୍ଣ୍ଣ ମାଲିକାନାର ସହାୟକ ଭାବେ ଆଦାନୀ ଧାମରା ପୋର୍ଟ ଆଗାମୀ ଦିନରେ ସୁରକ୍ଷା ଏବଂ ବନ୍ଦର ପରିଚାଳନାରେ ନିଜର ସର୍ବୋତମ ପ୍ରଦର୍ଶନକୁ ବଜାୟ ରଖିବାକୁ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ।

# ବିପିଏଲ ଚତୁର୍ଥ ଦିବସ; ବାହାନଡା ଟାଇଗର୍ସ ଓ ଆର୍ଯ୍ୟନ ଫାଇଟର୍ସ ବିଜୟୀ




**ବେତନଟୀ, ୧୯ ।୧୨(ସମିସ):** ବେତନଟୀ କ୍ରିକେଟକ୍ଲବ (ବିସିସି) ଆନୁକୂଲ୍ୟରେ ପରିଚାଳିତ ବେତନଟୀ ପ୍ରମିୟରଲିଗ୍ ସିଜିନ-୧୧ର ୪ର୍ଥଦିନରେ ୪ଟି ଟିମକୁ ନେଇ ଆୟୋଜିତ ଦୁଇଟି ମ୍ୟାଚରେ ବାହାନଡା ଟାଇଗର୍ସ ଏବଂ ଆର୍ଯ୍ୟନ ଫାଇଟର୍ସ ବିଜୟୀ ହୋଇଛି। ପ୍ରଥମ ମ୍ୟାଚରେ ବାହାନଡା ଟାଇଗର୍ସ ଏବଂ ମା'ଦୂର୍ଗା। ଫାଇଟର୍ସ ମୁହାଁମୁହିଁ ହୋଇଥିଲେ। ଏଥିରେ ମା'ଦୂର୍ଗା। ଫାଇଟର୍ସ ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୨୦ ଓଭରରେ ୯ଉଇକେଟ ବିନିମୟରେ ୧୩୫ରନ ସଂଗ୍ରହ କରିଥିଲା। ଜବାବରେ ବାହାନଡା ଟାଇଗର୍ସ ୧୯ ଓଭରରେ ୬ଉଇକେଟ ବିନିମୟରେ ୧୩୮ରନ ସଂଗ୍ରହକରି ବିଜୟୀ ହୋଇଥିବା ବେଳେ ଦଳର ଶଙ୍କର ସାହୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଛନ୍ତି। ସେହିଭଳି ଦ୍ୱିତୀୟ ମ୍ୟାଚରେ ୧୧-ଷ୍ଟାର ମୋରଡା ଏବଂ ଆର୍‌ୟନ ଫାଇଟର୍ସ ମୁହାଁମୁହିଁ ହୋଇଥିଲେ। ଦ୍ୱିତୀୟମ୍ୟାଚରେ ୧୧-ଷ୍ଟାର ମୋରଡା ପ୍ରଥମେ ବ୍ୟାଟିଂକରି ୧୯.୧ ଓଭରରେ ୧୨୫ରନ କରି ଅଲଆଉଟ ହୋଇଯାଇଥିଲା। ଜବାବରେ ଆର୍ଯ୍ୟନ ଫାଇଟର୍ସ ୧୯.୧ ଓଭରରେ ୬ଉଇକେଟ ବିନିମୟରେ ୧୨୮ରନ ସଂଗ୍ରହକରି ବିଜୟଲାଭ କରିଥିଲା। ଆର୍‌ୟନ ଫାଟଇର୍ସର ଦୀପକ ବେହେରା ମ୍ୟାନ ଅଫ ଦି ମ୍ୟାଚ ହୋଇଛନ୍ତି।

# ଜାଲରେ ପଡ଼ିଲା ୩ କୁଇଣ୍ଟାଲର ସାର୍କ ମାଛ



**ବାଲେଶ୍ୱର(ଉତ୍ତର), ୧୯।୧୨(ସମିସ) :** ପଶ୍ଚିମବଙ୍ଗ ଦୀଘା ସନ୍ନିକଟ ସମୁଦ୍ରରେ ମତ୍ସ୍ୟଜୀବୀଙ୍କ ଜାଲରେ ଏକ ବିରାଟକାୟ ସାର୍କ ମାଛ ଧରାପଡ଼ିଛି। ଯାହାର ଲମ୍ବ ୭ ଫୁଟ ହୋଇଥିଲା ବେଳେ ଓଜନ ପ୍ରାୟ ୩ କୁଇଣ୍ଟାଲ ହୋଇଥିବା ସୂଚନା ମିଳିଛି। ଏହି ମାଛଟିକୁ ଦେଖିବା ପାଇଁ ପର୍ଯ୍ୟଟକଙ୍କ ଭିଡ଼ ଲାଗିଥିବା ବେଳେ ଦୀଘା ମୁହାଣସ୍ଥିତ ମତ୍ସ୍ୟ ଅବତରଣ କେନ୍ଦ୍ରରେ ଏହି ମାଛଟିକୁ ନିଲାମ ହୋଇଛି। ପଶ୍ଚିମବଙ୍ଗର ଏକ କମ୍ପାନୀ ନେଇଥିବା ସୂଚନା ମିଳିଛି। କେତେ ଟଙ୍କା ମୂଲ୍ୟରେ ଏହା ବିକ୍ରି ହୋଇଛି କିମ୍ବା କେଉଁ କମ୍ପାନୀ ଏହାକୁ ନେଇଛି ସେନେଇ ତଥ୍ୟ ହସ୍ତଗତ ହୋଇନାହିଁ। ଏହି ମାଛ ଔଷଧ ପ୍ରସ୍ତୁତିରେ ବ୍ୟବହୃତ ହେଉଥିବାରୁ ଏହାର ମୂଲ୍ୟ ଅଧିକ ହୋଇଥାଏ।

# ପାଟଣା ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ



ତୁରୁମୁଙ୍ଗା, ୧୯।୧୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅଧ୍ୟକ୍ଷା ସୁକାନ୍ତି ନାଏକଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଛି। ପଞ୍ଚାୟତ ସମିତି ୧୪ ଜଣ ସମିତି ସଭ୍ୟ ନିର୍ଦ୍ଧାରିତ ଫର୍ମରେ ଦସ୍ତଖତ କରି କେନ୍ଦୁଝର ଉପଜିଲ୍ଲାପାଳଙ୍କ ନିକଟରେ ଅନାସ୍ଥା ପ୍ରସ୍ତାବ ସପକ୍ଷରେ ଦରଖାସ୍ତ କରିଥିଲେ। ଅନାସ୍ଥା ପ୍ରସ୍ତାବ ନେଇ ଆସନ୍ତା ଜାନୁଆରୀ ୪ ତାରିଖକୁ ଦିନ ଧାର୍ଯ୍ୟ ହୋଇଛି। ଉକ୍ତ ଦିନ ୧୧.୩୦ ସମୟରେ ପାଟଣା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅଧ୍ୟକ୍ଷାଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ଉପରେ ବୈଠକ ହୋଇ ଆଲୋଚନା ହେବ। ସାହରପଡ଼ା ବିଡିଓ ରଣଜିତ କୁମାର ମହାନ୍ତଙ୍କ ସଭାପତିତ୍ୱରେ ଅନାସ୍ଥା ପ୍ରସ୍ତାନ ଉପରେ ଆଲୋଚନା ହେବା ନେଇ କେନ୍ଦୁଝର ଉପଜିଲ୍ଲାପାଳ କାର୍ଯ୍ୟାଳୟରୁ ଚିଠି ନମ୍ବର ୧୨୮ ୯୧/୪୨ରେ ଜିଲ୍ଲା ପଞ୍ଚାୟତ ଅଫିସର, ପାଟଣା ବିଡିଓଙ୍କୁ ନୋଟିସ ଜାରି ହୋଇଛି। ଏନେଇ ବ୍ଲକ ଅଧ୍ୟକ୍ଷା ସୁକାନ୍ତି ନାଏକଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ସୂଚନା ଯେ ବ୍ଲକ ଅଧ୍ୟକ୍ଷା ସୁକାନ୍ତି ନାଏକଙ୍କ ମନମୁଖୀ କାର୍ଯ୍ୟ ସାଙ୍ଗକୁ, ପଞ୍ଚାୟତ ସମିତିର ଉନ୍ନୟନ କାର୍ଯ୍ୟରେ ନିର୍ବାଚିତ ସମିତି ସଭ୍ୟମାନଙ୍କୁ ଅଣଦେଖା କରୁଥିବା ନେଇ ବ୍ଲକର ୨୦ଟି ପଞ୍ଚାୟତ ମଧ୍ୟରୁ ୧୪ ଜଣ ସମିତିସଭ୍ୟ ଗତ ୧୩ ତାରିଖରେ କେନ୍ଦୁଝର ଉପଜିଲ୍ଲାପାଳ ଉମାଶଙ୍କର ଦଲେଇଙ୍କ ନିକଟରେ ଅନାସ୍ଥା ପ୍ରସ୍ତାବ ସପକ୍ଷରେ ଦରଖାସ୍ତ କରିଥିଲେ।

### ଦୁଇଟି ସ୍ଥାନରେ ଅଗ୍ନିକାଣ୍ଡ

**ବାରିକପୁର, ୧୯ ।୧୨ (ସମିସ):** ଭଣ୍ଡାରିପୋଖରୀ ବ୍ଲକର ନପଙ୍ଗ ଓ ରାଜେନ୍ଦ୍ରପୁର ଠାରେ ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ରାଜେନ୍ଦ୍ରପୁର ଗ୍ରାମର ମଞ୍ଜୁଲତା ସ୍ୱାଇଁଙ୍କ ଗୁହାଳ ଘର ସହିତ ରୋଷେଇ ଘରେ ଗତ ମଙ୍ଗଳବାର ବିଳମ୍ବିତ ରାତିରେ ନିଆଁ ଲାଗିଥିଲା। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ମାନେ ଘଟଣାସ୍ଥଳରେ ପହିଛନ୍ତି ନିଆଁ କୁ ଆୟତ କରିଥିଲେ। ଏଥିରେ ବିଭିନ୍ନ ଆସବାବପତ୍ର ନଷ୍ଟ ହୋଇଥିବା ବେଳେ ଗୋଟିଏ ଗାଇ ମଧ୍ୟ ଆହତ ହୋଇଛି। ସେହିଭଳି ନପଙ୍ଗ ଠାରେ ଗତ ବୁଧବାର ଏକ ବାଉଁଶ ବଣରେ ନିଆଁ ଲାଗିଥିଲା। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲା।

### ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି ଅଭିଯୋଗ

**ମୋରଡ଼ା, ୧୯।୧୨(ସମିସ):** ମୋରଡ଼ା ଥାନା ଅନ୍ତର୍ଗତ ଚିକିଟାମାଟିଆ ପଞ୍ଚାୟତ ଭାତଛତର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ କିଛି ଦୁର୍ବୃତ୍ତ ବୁଧବାର ସନ୍ଧ୍ୟାରେ ପଶି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଆକ୍ରମଣ କରିବା ସହିତ ତାଙ୍କଠାରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି କରି ନେଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ କାଞ୍ଚନମାଳା ଦାସଙ୍କ ଅଭିଯୋଗ ମୁତାବକ ବୁଧବାର ସନ୍ଧ୍ୟାରେ ସେ ବାଳକ ଶିକ୍ଷା ନିକେତନ ପରିସରରେ ଥିବା କ୍ୱାର୍ଟରରେ ରହି ଟିଭି ଦେଖୁଥିବା ବେଳେ ଜଣେ ମୁଖାଧାରୀ ଯୁବକ ଆକ୍ରମଣ କରିବା ସହିତ ତାଙ୍କ ନିକଟରୁ ସୁନା କାନଫୁଲ, ଦୁଇଟି ସୁନା ମୁଦି, ଗୋଟିଏ ଚେନ, ସୁନା ଚୁଡ଼ି ଏବଂ ତିନି ହଜାର ଟଙ୍କା ଲୁଟି ନେଇ ପଳାଇଛି। ପୁଲିସ ଅଭିଯୋଗ ପାଇ ତଦନ୍ତ ଚଳାଇଛି।

# ବିସିଜେଡିର ସଭ୍ୟ ସଂଗ୍ରହ ଅଭିଯାନ




**ବାରିପଦା, ୧୯ ।୧୨(ସମିସ):** ତକତପୁର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ରାଜ୍ୟ ସଭାପତି ଦେବୀରଞ୍ଜନ ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ବାରିପଦା ନିର୍ବାଚନ ମଣ୍ଡଳୀରେ ସଭ୍ୟ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯକ୍ରମରେ ଜିଲ୍ଲା ଛାତ୍ର ବିଜେଡ଼ି ସଭାପତି ସୁନୀଲ କୁମାର ନାୟକଙ୍କ ନେତୃତ୍ୱରେ ସଭ୍ୟ ସଂଗ୍ରହ କରାଯାଇଥିଲା। ରାଜ୍ୟ ଛାତ୍ର ବିଜେଡ଼ି ସମ୍ପାଦକ ଆଶୀର୍ବାଦ ଦାସ, ଜିଲ୍ଲା ସମ୍ପାଦକ ଅମିତ୍ ମହାକୁଡ, ଛାତ୍ରନେତା ଅଭିନନ୍ଦନ ବାରିକ, ବିଶ୍ୱବିଦ୍ୟାଳୟ ଛାତ୍ରନେତା ଦୀପକ କୁମାର୍ ସାହୁ, ଦେବାଶିଷ ନାୟକ, ରମ୍ୟକ୍ ମହାନ୍ତି, ବିଶ୍ୱରଞ୍ଜନ ଭୋଇ, ଭବାନୀ ଶଙ୍କର କବି, ଦେବାଶିଷ ମହାନ୍ତ, ବିଭାସ ରଞ୍ଜନ ଦାସ, ରାହୁଲ ଦେଓ, ମଦନ ମୋହନ ନାୟକ, ସବ୍ୟସାଚୀ ରାଉତ, କରନ୍ ମୁର୍ମୁ, ସତ୍ୟମ୍ ସୁନ୍ଦର୍ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନୂତନ ଭୋଟର ଛାତ୍ରଛାତ୍ରୀ ନବୀନ ପଟ୍ଟନାୟକଙ୍କ ଭାବମୂର୍ତ୍ତି ଓ ବ୍ୟକ୍ତିତ୍ୱରେ ଅନୁପ୍ରାଣିତ ହୋଇ ଉତ୍ସାହର ସହ ବିଜୁ ଜନତା ଦଳର ସଭ୍ୟ ଭାବେ ନିଜକୁ ସାମିଲ କରିଥିଲେ। ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଆଗକୁ ଅନ୍ୟ ଶିକ୍ଷାନୁଷ୍ଠାନରେ ମଧ୍ୟ ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମ ଜାରି ରହିବ ବୋଲି ସଭାପତି ଶ୍ରୀ ନାୟକ କହିଛନ୍ତି।

## ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ ପାଳିତ

# ମହାରାଜାଙ୍କ ଜୀବନାଦର୍ଶ ଆଗାମୀ ପିଢ଼ିପାଇଁ ଆଲୋକବର୍ତ୍ତିକା

ବାରିପଦା, ୧୯ ।୧୨(ସମିସ)



ଶିଶୁ ଉଦ୍ୟାନ ପରିସରରେ ଥିବା ଐତିହାସିକ ବ୍ୟାଣ୍ଡଷ୍ଟାଣ୍ଡଠାରେ ଆମେ ମୟୂରଭଞ୍ଜିଆ, ସଂସ୍କାର ଶିଶୁ ମହୋତ୍ସବ କମିଟି ଏବଂ ବାରିପଦା ପୌରପରିଷଦର ପକ୍ଷରୁ ଆଧୁନିକ ଓଡ଼ିଶାର ନବନିର୍ମାତା ତଥା ମୟୂରଭଞ୍ଜର ପ୍ରଜାନୁରଞ୍ଜକ ମହାରାଜା ଶ୍ରୀରାମ ଚନ୍ଦ୍ରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମର ଆବାହକ ସଞ୍ଜୟ କୁମାର ଚୌଧୁରୀଙ୍କ ସଞ୍ଚାଳନ ତଥା ବାରିପଦା ନଗରପାଳ ଓ ଶିଶୁ ମହୋତ୍ସବ ମୟୂରୀର ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ କୁନି ନୃତ୍ୟଶିଳ୍ପୀ ଆୟୁକ୍ତା ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ନୃତ୍ୟଶିଳ୍ପୀ ପ୍ରାଭ୍ୟାଶ୍ରୀ ପଣ୍ଡା ଏବଂ ନୃତ୍ୟଶିଳ୍ପୀ ଇଶିତା ବେହେରା ଓ ବିଶେଷ ଅତିଥିଭାବେ ଉପନଗରପାଳ ସୀମା ଦାସ, ଶ୍ରୀମା ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଗୀତା ଶତପଥୀ, ପ୍ରାଧ୍ୟାପକ ଡଃ ନରସିଂହ ବାରିକ, କାଉନସିଲର ଜିତା ସିଂ, ସୁକେଶିନୀ ସେଠୀ ଏବଂ ପ୍ରଭାତୀ ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ମହାରାଜାଙ୍କ ତୈଳଚିତ୍ର ଓ ରଙ୍ଗୋଲୀରେ ମହାରାଜାଙ୍କ ଚିତ୍ର ଅଙ୍କନ କରିବା ସହିତ ବକ୍ତୃତା ମାଧ୍ୟମରେ ମହାରାଜାଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଅପରାହ୍ନରେ ଶୁଭଶଙ୍ଖ ସାହିତ୍ୟ ଅନୁଷ୍ଠାନର ସଭାପତି ଡଃ ତରୁଣ କୁମାର ଓଝାଙ୍କ ସଞ୍ଚାଳନରେ ଅତୁଲ୍ୟ ମୋ ମୟୂରଭଞ୍ଜ ଶୀର୍ଷକରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ କବୟିତ୍ରୀ କାବେରୀ ମିଶ୍ର, ବାସନ୍ତୀଲତା ମହାପାତ୍ର, ଅଶୋକ ପଲେଇ କବିତା ପାଠ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାରିପଦା ବନଖଣ୍ଡର ଅଧିକାରୀ ଡିଏଫଓ ଏ. ଉମାମହେଶ, ସମ୍ମାନିତ ଅତିଥି ଭାବେ ପୌର ନିର୍ବାହୀ ଅଧିକାରୀ ଡ. ମଧୁସ୍ମିତା ସାମନ୍ତରାୟ ଓ ଡ. ମୋହିତ ଷଡଙ୍ଗୀ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

## ଗୋନାସିକା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ଦର୍ଶକଙ୍କୁ ମୁଗ୍ଧ କଲା ବଲିଉଡ୍ ନାଇଟ୍

କେନ୍ଦୁଝର,୧୯।୧୨(ସମିସ)





କେନ୍ଦୁଝର କାଳୀପଡିଆ ଓ ଷ୍ଟାଡିୟମରେ ଆୟୋଜିତ ହେଉଥିବା "ଗୋନାସିକା କେନ୍ଦୁଝର ମହୋସବ' ଏବଂ ଆଞ୍ଚଳିକ ସରସ ମେଳାର ଦ୍ୱିତୀୟ ସନ୍ଧ୍ୟାରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନ ୨.୩୦ମିନିଟରୁ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମରେ ହଜାର ହଜାର ଦର୍ଶକ ମତୁଆଲା ହୋଇଥିଲେ। ଦ୍ୱିତୀୟ ଦିନ ସନ୍ଧ୍ୟାରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ପୌରପାଳିକା ଓ ବ୍ଲକ ଅଧ୍ୟକ୍ଷାମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ସମ୍ମାନିତ ଅତିଥି ଭାବେ ନିମନ୍ତ୍ରଣ କରାଯାଇଥିଲା। କେନ୍ଦୁଝରଗଡ଼ ପୌରପାଳିକାର ଅଧ୍ୟକ୍ଷା ନିକୁ ସାହୁ, ଆନନ୍ଦପୁର ପୌରପରିଷଦ ଅଧ୍ୟକ୍ଷା ରଜନୀରାଣୀ ଖଟୁଆ, ଆନନ୍ଦପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ଅଞ୍ଜନା ବାରିକ, ବାଂଶପାଳ ଅଧ୍ୟକ୍ଷ ମାନସ କୁମାର ଦେହୁରୀ, ଚମ୍ପୁଆ ବ୍ଲକ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ନାଏକ, ଘଟଗାଁ ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ନାୟକ, ସାହାରପଡା ବ୍ଲକ ଅଧ୍ୟକ୍ଷା ରୀନା ନାୟକ, ପାଟଣା ବ୍ଲକ ଅଧ୍ୟକ୍ଷା ସୁକାନ୍ତୀ ନାଏକ, ତେଲକୋଇ ବ୍ଲକ ଅଧ୍ୟକ୍ଷ ବିକ୍ରମ କୁମାର ନାୟକ, ହରିଚନ୍ଦନପୁର ବ୍ଲକ ଅଧ୍ୟକ୍ଷା ସୁନେଲୀ ନାଏକ, ହାଟଡିହୀ ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ସାବିତ୍ରୀ ସେଠୀ, ଝୁମ୍ପୁରା ବ୍ଲକ ଅଧ୍ୟକ୍ଷା ମାଳତୀ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ମହୋସବ ଓ ସରସ ମେଳା ଜିଲ୍ଲାର କଳା ସଂସ୍କୃତିକୁ ସୁଦୃଢ କରିବା ସଙ୍ଗେସଙ୍ଗେ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ସ୍ୱୟଂ ସହାୟକ ଗୋଷ୍ଠୀର ମା' ମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ପ୍ରଦର୍ଶନ ଏବଂ ବିକ୍ରୟର ପ୍ରକୃଷ୍ଟ ସ୍ଥାନ ବୋଲି ମତ ଦେଇଥିଲେ। କେନ୍ଦୁଝର ଜିଲ୍ଲା ଏକ ସଂସ୍କୃତି ସମ୍ପର୍ଣ୍ଣ ଜିଲ୍ଲା ହୋଇଥିବା ବେଳେ ଏ ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଜିଲ୍ଲାର ଗୌରବ ବୃଦ୍ଧି ହୋଇଥାଏ ବୋଲି ଅତିଥିମାନେ ମତ ରଖିଥିଲେ।

କୁଚିପୁଡି, ସମ୍ବଲପୁରୀ ଲୋକନୃତ୍ୟ, ବଧେଇ, ଗୋଟିପୁଅ, ବେଶ ଉପଭୋଗ୍ୟ ହୋଇଥିଲା। ବିଳମ୍ବିତ ସନ୍ଧ୍ୟାରେ ବଲିଉଡ ନାଇଟ୍ କାର୍ଯ୍ୟକ୍ରମରେ ଦେଶର ବିଶିଷ୍ଟ ସଙ୍ଗୀତଶିଳ୍ପୀ ଓ ସମେତ ସାଥି କଳାକାରଙ୍କ ଦ୍ୱାରା ସଙ୍ଗୀତ ଆସର ମନଛୁଆଁ ହୋଇପାରିଥିଲା। ପ୍ରବଳ ଥଣ୍ଡାକୁ ଖାତିର ନକରି ଜିଲ୍ଲା ତଥା ଜିଲ୍ଲା ବାହାରର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ଦର୍ଶକ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ଟାଉନ ଥାନା ପୁଲିସ ପକ୍ଷରୁ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁଙ୍କ ନେତୃତ୍ୱରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ସହିତ ଟ୍ରାଫିକ ବ୍ୟବସ୍ଥାକୁ କଡାକଡି କରାଯାଇଥିଲା। ମହୋସବ ଆୟୋଜନର ବିଭିନ୍ନ କମିଟୀର ସଦସ୍ୟ ଏବଂ ବିଭିନ୍ନ ପ୍ରଶାସନିକ ଅଧିକାରୀମାନେ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ କରିବା ପାଇଁ ସହଯୋଗ ପ୍ରଦାନ କରିଥିଲେ।

## ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବ ନିମନ୍ତେ ପ୍ରସ୍ତୁତି

**ତେଲକୋଇ,୧୯।୧୨(ସମିସ):** ଆଜି ରାଧାକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ, ଦେଉଳଡ଼ିହା ଠାରେ ଓଡିଶା ମାଧ୍ୟମିକ ସ୍କୁଲ୍ ଶିକ୍ଷକ ସଂଘ (ଓଷ୍ଟା) କେନ୍ଦୁଝର ଜିଲ୍ଲାର ସଭାପତି ରଘୁନାଥ ବେହେରାଙ୍କ ସଭାପତିତ୍ୱରେ ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବ-୨୦୨୪ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲ୍ଲା ଶିକ୍ଷକ ସଂଘର ସମ୍ପାଦକ ପ୍ରଶାନ୍ତ କୁମାର ମିଶ୍ର, ଉପସଭାପତି ମନ୍ମଥ ମହାନ୍ତ, କାର୍ଯ୍ୟକାରୀ ସଦସ୍ୟ ନିରାକାର ମହାପାତ୍ର, ପ୍ରଧାନଶିକ୍ଷକ ବିଜୟ କୁମାର ପ୍ରଧାନ ଉପଦେଷ୍ଟା ଭିକାରୀ ଚରଣ ସାହୁ, ଶାନ୍ତନୁ କୁମାର ମିଶ୍ର, କ୍ଷିରୋଦ କୁମାର ରାଉତ, ବାସୁଦେବ ମହାନ୍ତ, ତେଲକୋଇ ବ୍ଲକ ସଭାପତି ଖଗେଶ୍ୱର ମହାନ୍ତ, ଉପସଭାପତି ଅକ୍ଷୟ କୁମାର ବାରିକ, ସଦସ୍ୟ ରମେଶ ଚନ୍ଦ୍ର ପ୍ରଧାନ, ଶିକ୍ଷକ ଏମଡି ଅସଗର, ବ୍ଲକ୍ ସମ୍ପାଦକ ଚିତ୍ତରଞ୍ଜନ ପଟ୍ଟନାୟକ ଉପସ୍ଥିତ ରହି ଶିଶୁ ଉତ୍ସବର ସୁପରିଚାଳନା ନିମନ୍ତେ ବିଭିନ୍ନ କମିଟ ଗଠନ କରିବା ସହିତ ଛାତ୍ରଛାତ୍ରୀଙ୍କର ନିବାସ ଓ ଖାଦ୍ୟପେୟ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ପ୍ରକାଶ ଥାଉକି ଡିସେମ୍ବର ୨୧ ଓ ୨୨ ଦୁଇଦିନ ରାଧାକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ, ଦେଉଳଡିହା ଠାରେ ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବରେ ଜିଲ୍ଲାର ୧୩ଟି ବ୍ଲକ୍‌ରୁ ୧୦ଟି ବିଭାଗରେ ୨୬୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ବୈଠକରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ଉପସ୍ଥିତ ଥିଲେ।

## ଭତ୍ତା ବାଣ୍ଟିଲେ ଆନନ୍ଦପୁର ପୌର କର୍ମଚାରୀ

**ଆନନ୍ଦପୁର,୧୯।୧୨(ସମିସ):** ଆନନ୍ଦପୁର ପୌରାଞ୍ଚଳର ବିଭିନ୍ନ ୱାର୍ଡ ଓ ସାହିବସ୍ତିରେ ଥିବା ବୃଦ୍ଧବୃଦ୍ଧା ଏବଂ ଦିବ୍ୟାଙ୍ଗମାନେ ଭତ୍ତା ବଣ୍ଟନ କେନ୍ଦ୍ରକୁ ଆସିପାରୁନଥିବାରୁ ଘର ଘର ବୁଲି ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳଙ୍କ ତତ୍ତ୍ୱାବଧାନରେ ପୌର ଅଧ୍ୟକ୍ଷା ରଜନୀରାଣୀ ଖଟୁଆ, ଉପାଧ୍ୟକ୍ଷ ଦୁର୍ଗାଚରଣ ଦଳେଇ ଏବଂ ସମସ୍ତ କାଉନସିଲରଙ୍କ ସମେତ ପୌର କର୍ମଚାରୀମାନେ ବିଭିନ୍ନ ୱାର୍ଡକୁ ଯାଇ ବୟସାଧିକ ହିତାଧିକାରୀ, ଅସୁସ୍ଥତା ଜନିତ ଘରେ ପଡିରହିଥିବା ହିତାଧିକାରୀ, ବାର୍ଦ୍ଧକ୍ୟ ଜନିତ କାର୍ଯ୍ୟାଳୟକୁ ଆସିପାରୁନଥିବା ହିତାଧିକାରୀ ଏବଂ ଅକର୍ମଣ୍ୟ ଜନିତ ଶଯ୍ୟାସାଇ ହୋଇରହିଥିବା ହିତାଧିକାରୀମାନଙ୍କୁ ଘର ଘର ବୁଲି ଭତ୍ତା ବଣ୍ଟନ କରିଥିବା ଜଣାଯାଇଛି।

## ସଲେଇକେନାରେ ହାତୀ ଉପଦ୍ରବ



**ତେଲକୋଇ,୧୯।୧୨(ସମିସ):** କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳ ସଲେଇ କେନା ଗ୍ରାମ ପଞ୍ଚାୟତ କଳାପୋଖରୀ ଗ୍ରାମରେ ହାତୀ ଉପଦ୍ରବ ଦେଖା ଦେଇଛି। ହାତୀ ପଲ ଗ୍ରାମର ଖଗେଶ୍ୱର କିଶାନ ଓ ନିରଞ୍ଜନ କିସାନଙ୍କ ଘର ଭାଙ୍ଗି ଧାନ ଚାଉଳ ଖାଇବା ସହିତ ବ୍ୟାପକ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ବୁଧବାର ବିଳମ୍ବିତ ରାତିରେ ହାତୀ ପଲ ଗ୍ରାମ ନିକଟସ୍ଥ ଜଙ୍ଗଲରୁ ବାହାରି ସ୍ଥାନୀୟ ଅଞ୍ଚଳର ବ୍ୟାପକ ଚାଷ ଜମି ନଷ୍ଟ କରିବା ସହିତ ଗାଁ ଭିତରକୁ ପଶି ଖଗେଶ୍ୱର ଓ ନିରଞ୍ଜନଙ୍କ ଘର ଭାଙ୍ଗି ଧାନ ଚାଉଳ ଖାଇ ଦେଇଥିଲେ। ଉଭୟ ପରିବାର ଲୋକେ ଅଳ୍ପକେ ବର୍ତ୍ତୀ ଯାଇଥିଲେ। ଖବର ପାଇ ସ୍ଥାନୀୟ ସରପଞ୍ଚ ପାଙ୍ଗେଲା ମୁଣ୍ଡା କ୍ଷତିଗ୍ରସ୍ତ ପରିବାରଙ୍କୁ ଭେଟି ସମବେଦନା ଜଣାଇବା ସହିତ କିଭଳି ତୁରନ୍ତ ସରକାରୀ ସହାୟତା ପାଇ ପାରିବେ ଏ ନେଇ ବନ ବିଭାଗ ନିକଟରେ ଦୃଢ଼ ଦାବି କରିଛନ୍ତି। ସଂପୃକ୍ତ ହାତୀ ପଲ ନିକଟସ୍ଥ ଡିମିରିଆ ଓ ଜଟ ଗ୍ରାମରେ ମଧ୍ୟ ବ୍ୟାପକ କ୍ଷତି କରିଥିବା ଅଭିଯୋଗ ହୋଇଛି।

## ଆନନ୍ଦପୁର ବାଣିଜ୍ୟମେଳାର ପଞ୍ଚମ ସନ୍ଧ୍ୟା

# ମଞ୍ଚକୁ ମୋହିତ କଲା କବିତା ପାଠୋତ୍ସବ





**ଆନନ୍ଦପୁର,୧୯।୧୨(ସମିସ):** ଆନନ୍ଦପୁର ପ୍ରେସ୍ କ୍ଲବ ପକ୍ଷରୁ ଆୟୋଜିତ ବାଣିଜ୍ୟ ମେଳାର ପଞ୍ଚମ ସନ୍ଧ୍ୟାରେ ଆୟୋଜିତ କବିତା ପାଠୋତ୍ସବ ଓ ସାହିତ୍ୟ ଆଲୋଚନା ଚକ୍ରରେ ଏକ ନିଆରା ସମାବେଶ ପରିଲକ୍ଷିତ ହୋଇଛି। ଯୁବକ ଯୁବତୀ ଏବଂ ଛାତ୍ରଛାତ୍ରୀଙ୍କୁ ସାହିତ୍ୟ ଓ କବିତାରେ ରଚି ରଖିବା ପାଇଁ ହୋଇଥିବା ଏହି ପ୍ରୟାସ ବେଶ୍ ସଫଳ ହୋଇଛି। କବି ଅନିଲ କୁମାର ସାହୁଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ ଓଡିଆ ସାହିତ୍ୟ ଗବେଷକ ରମାକାନ୍ତ ନାୟକ, ମୁଖ୍ୟବକ୍ତା ଭାବେ ଶିଶୁ ସାହିତ୍ୟିକ ରତ୍ନାକର ଦାସ ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ସରୋଜ କୁମାର ସାହୁ ଯୋଗ ଦେଇ ସାହିତ୍ୟର ପାଠକ ସୃଷ୍ଟି କରିବା ପାଇଁ ବର୍ତ୍ତମାନର ଯୁବପିଢିଙ୍କୁ ଆକର୍ଷଣ କଲାଭଳି ସାହିତ୍ୟ ଓ କବିତା ସୃଷ୍ଟି ହେବା ଦରକାର ବୋଲି ମତବ୍ୟକ୍ତ କରିଥିଲେ। ପରେ କବି ସୁବାସ ପାତ୍ର ଓ କବୟତ୍ରୀ ପୁଷ୍ପମଞ୍ଜରୀ କରଙ୍କ ସଂଯୋଜନାରେ କବି ନାରାୟଣ ସାହୁ, ନୀଳମଣି ବାରିକ, ସୁରେନ୍ଦ୍ର କୁମାର ପରିଡା, ନିତ୍ୟାନନ୍ଦ ବେହେରା, ରଘୁନାଥ ପଣ୍ଡିତ, ପୂର୍ଣ୍ଣଚନ୍ଦ୍ର ସାହୁ, ମୁରଲୀ ବେହେରା, ଅନନ୍ତ ମୁଦୁଲି, ପ୍ରତାପ ରାଉତ, ବାସୁଦେବ ଜେନା, ହରିହର ରଣା, ସଂଜୟ ଓଝା, ନରହରି ରାଉତ, ଶରତ ରାଉତ, ଦିପ୍ତୀ ସୁତାର ଓ ସାବିତ୍ରୀ ଦାସ ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ପ୍ରେସ୍‌କ୍ଲବର ସଭାପତି ନାରାୟଣ ସାହୁ, ସଂପାଦକ ସନ୍ତୋଷ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୀନାବଜାର, ରାମ ଦୋଳି, ଚିଡିଆଖାନା, ମିକି ମାଉସ୍, ଜମ୍ପ ଦୋଳି ଲାଗିଥିବାରୁ ସମାଗମ ଧିରେ ଧିରେ ବଢୁଥିବା ପରିଲକ୍ଷିତ ହୋଇଛି।

## ଜାମିତିରାରେ ରାସ୍ତା ନିର୍ମାଣ ନେଇ ପଲ୍ଲୀସଭା

**ହାଟଡିହୀ,୧୯।୧୨(ସମିସ):** ହାଟଡିହୀ ବ୍ଲକ୍ ଜାମିତିରା ଗ୍ରାମରେ ମଧୁରଗଡ଼ିଆରୁ କୁମ୍ଭକରାଳ ରାସ୍ତା ନିର୍ମାଣ ନେଇ ସ୍ୱତନ୍ତ୍ର ପଲ୍ଲୀସଭା ଅନୁଷ୍ଠିତ ହୋଇଯାଇଛି। ଅଁରା ପଞ୍ଚାୟତର ସରପଞ୍ଚ ମମତା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପଲ୍ଲୀସଭାରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ କରୁଣାକର ନନ୍ଦ, କନିଷ୍ଠଯନ୍ତ୍ରୀ କ୍ଷୀରୋଦ ବେହେରା, ନନ୍ଦିପଦା ଥାନା ଅଧିକାରୀ ରବିନ୍ଦ୍ର କୁମାର ପାତ୍ର ପ୍ରମୁଖ ଯୋଗଦେଇ ମଧୁରଗଡ଼ିଆରୁ କୁମ୍ଭକରାଳ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ଲୋକଙ୍କ ମତାମତ ଲୋଡ଼ିଥିଲେ। ଶେଷରେ ଗ୍ରାମ୍ୟ ଜଙ୍ଗଲ କିସମ ପରିବର୍ତ୍ତନ କରାଯାଇ ସଂରକ୍ଷଣ ମୁକ୍ତ କରିବାକୁ ବନବିଭାଗକୁ ଜଣାଇବାକୁ ନିଷ୍ପତି ହୋଇଥିଲା। ଏହି ପଲ୍ଲୀସଭାର ଉଭୟ ଗ୍ରାମର ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ରାସ୍ତାଟି ନିର୍ମାଣ ଚାଲିଥିବା ବେଳେ ଜାମିତିରା ଓ ମଧୁରଗଡ଼ିଆ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ଏପରିକି ମାମଲା ହାଇକୋର୍ଟ ପର୍ଯ୍ୟନ୍ତ ଯାଇଛି। ମାନ୍ୟବର ଅଦାଲତ ବିବାଦର ସମାଧାନ କରାଯିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ବରୁ ତହସିଲ ପକ୍ଷରୁ ସମସ୍ତ ମାପଚୁପ ହୋଇଥିଲା ବେଳେ ରାସ୍ତା ନିର୍ମାଣ ହେବାକୁ ଥିବା ଜମିରେ କୌଣସି ଗଛ ନଥିବାରୁ ରାସ୍ତା ନିର୍ମାଣ ହେଲେ କିଛି ଜଙ୍ଗଲ ନଷ୍ଟ ହେବାର ନାହିଁ ବୋଲି ଗ୍ରାମବାସୀ ମାନେ ମତ ରଖିଥିଲେ। ଏହି ରାସ୍ତା ନିର୍ମାଣ ହେଲେ ଏ ଅଞ୍ଚଳର ୮ଟି ଗ୍ରାମର ଲୋକମାନେ ଉପକୃତ ହୋଇପାରିବେ।

## କେନ୍ଦ୍ରୀୟ ବିଦ୍ୟାଳୟରେ ଅଭିଭାବକ ସମ୍ମିଳନୀ





**ଆନନ୍ଦପୁର,୧୯।୧୨(ସମିସ):** ଆନନ୍ଦପୁର କେନ୍ଦ୍ରୀୟ ବିଦ୍ୟାଳୟରେ ଆଜି ଜେଜେବାପା- ଜେଜେମା ଓ ଅଜା-ଆଇ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ସର୍ବେଶ୍ୱର ସାହୁ ଜେଜେବାପା-ଜେଜେମାଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶଶିବାଳାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ମଞ୍ଚ ସଂଚାଳନ କରିଥିଲେ ବିଦ୍ୟାଳୟର ୨ ଛାତ୍ରୀ ନନ୍ଦିତା ମିଶ୍ର ଏବଂ ଶୁଭଶ୍ରୀ ବାରିକ। ଇତିଶ୍ରୀ ନିବେଦିତା ସୁତାର, ସୁନିଲ କୁମାର ପାତ୍ର, ଅନୁଷ୍କା ଭାରଦ୍ୱାଜ, ଭୋଜରାଜ ମହାନ୍ତ, ରାମେଶ୍ୱର ମିନା, ଅଭିଳାଷ ସାହୁ, ବିମଳ କୁମାର ଗିରି, ଏକତା ମିଶ୍ର, ଭାଗ୍ୟଶ୍ରୀ ବେହେରା, ଅଭିଷେକ ଆନନ୍ଦ ଓ ଆରତୀ ସିଂହଙ୍କ ତତ୍ତ୍ୱାବଧାନରେ ପ୍ରାଥମିକ ବିଭାଗର ଛାତ୍ରଛାତ୍ରୀ ନୃତ୍ୟ, ସଙ୍ଗୀତ ଓ ନାଟକ ଉପସ୍ଥାପନା କରି ଜେଜେ ବାପା-ଜେଜେମା ଓ ଅଜା-ଆଇଙ୍କ ମନୋରଞ୍ଜନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସେମାନେ "ପାସିଂ ଦ ବଲ୍' ଖେଳ ଓ ନୃତ୍ୟ ଗୀତ ପରିବେଷଣରେ ଅଂଶଗ୍ରହଣ କରି ଭରପୁର ଆନନ୍ଦ ଉଠାଇଥିଲେ।

## ଖବରକାଗଜ ବିତରକଙ୍କୁ ସମ୍ବର୍ଦ୍ଧନା



**ଆନନ୍ଦପୁର,୧୯।୧୨(ସମିସ):** ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ଅଞ୍ଚଳରେ ଖବରକାଗଜ ବିତରଣ କରୁଥିବା ବିତରକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ଜଣାଯାଇଛି। ଷ୍ଟାଡିୟମ୍ ପଡିଆ ଠାରେ ପ୍ରେସ୍ କ୍ଲବ ପକ୍ଷରୁ ଆୟୋଜିତ ବାର୍ଷିକ ଉତ୍ସବ ଓ ବାଣିଜ୍ୟ ମେଳାର ଚତୁର୍ଥ ସନ୍ଧ୍ୟାରେ ଅଧ୍ୟାପକ ବିଜୟ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଖବରକାଗଜ ବିତରକ ମଙ୍ଗୁଳି ଚରଣ ସାହୁ, ବନମାଳୀ ସାହୁ, କେଦାର ନାଥ, ଶ୍ରୀଧର ସାହୁ, କୃଷ୍ଣଚନ୍ଦ୍ର ସେଠୀ, ହେମନ୍ତ ଦଳେଇ, କୈଳାସ କୁଅଁର, ସୁବାସ ଘୋଷ, ଶରତ ନାୟକ, ବାଇଧର ସାହୁଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏଥିରେ ସୌମ୍ୟରଞ୍ଜନ ପଟ୍ଟନାୟକ, ଅନ୍ନଦା ଶଙ୍କର ମହାନ୍ତି, ଜିତୁ ଦାଶ, ବରିଷ୍ଠ ସଦସ୍ୟ ନାରାୟଣ ପଣ୍ଡା, ସୁବାସ ଚନ୍ଦ୍ର ମହାପାତ୍ର, ଶତୃଘ୍ନ ସାହୁ, କିଶୋର ଆଚାର୍ଯ୍ୟ, ମାନସ ହୋତା, ଦିଲ୍ଲୀପ ମିଶ୍ର, ସ୍ୱପ୍ନେଶ୍ୱର ପଣ୍ଡା, ସତ୍ୟଜିତ ସାହୁ, ରାଜୀବ ଜେନା, ଗୋପାଳ ରାଉତ, ଶ୍ରୀକୁମାର ମିଶ୍ର, ଉପେନ୍ଦ୍ର ସାହୁ, ଭାଗିରଥି ଦାଶ, ରାଜେନ୍ଦ୍ର ଦାଶ, ଅବିନାଶ ଶତପଥୀ, ମୋହନ ସାହୁ, ଉମାକାନ୍ତ ସାହୁ, ସ୍ମୃତି ରଂଜନ ବିହାରୀ, ଅନିଲ ସାହୁ, ଲିଟୁ ହଜାରୀ, ଗତିକୃଷ୍ଣ ଭୂୟାଁ, ରାଜକିଶୋର ସାହୁ, ଜିତୁ ହଜାରୀ, ସୁଶାନ୍ତ କୁମାର ସାହୁ, ପାର୍ଥସୌରଭ ସା, କୈଳାସ ଚନ୍ଦ୍ର ନାୟକ, ଗୋପିନାଥ ପାତ୍ର, ବିକାଶ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ।

## ପଢିଆରିପଲ୍ଲୀ ବିଦ୍ୟାଳୟର କ୍ରୀଡ଼ା ଉତ୍ସବ

**ସୋସୋ,୧୯।୧୨(ସମିସ):** ହାଟଡିହୀ ବ୍ଲକ ପଢିଆରିପଲ୍ଲୀ ପଞ୍ଚାୟତ ଉଚ୍ଚ ବିଦ୍ୟଅଳୟ ବଣିଆପଙ୍କର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି କ୍ରୀଡ଼ା ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ନାୟକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପଢିଆରିପଲ୍ଲୀ ପଞ୍ଚାୟତର ସରପଞ୍ଚ ଅଜିତ କୁମାର ରାଉତ, ଅତିଥି ଭାବେ ଅବସରପ୍ରାପ୍ତ ପ୍ରଫେସର ଡ. ଅଜୟ କୁମାର ନାୟକ, ସମାଜସେବୀ ଅର୍ଜ୍ଜୁନ ଚରଣ ଶତପଥୀ, ଏସସିବି ଫାଉଣ୍ଡେସନର ସଭାପତି ଅଲେଖ ଚନ୍ଦ୍ର ବେହେରା ଉପସ୍ଥିତ ରହିଥିଲେ। କ୍ରୀଡ଼ା ଶିକ୍ଷକ ସ୍ୱାଧୀନ କୁମାର ମହାପାତ୍ର ଖେଳ ପରିଚାଳନା କରିଥିଲେ। ଛାତ୍ର ସୁବ୍ରତ ପାତ୍ର ଓ ଛାତ୍ରୀ ମିଟନ ପାତ୍ର ଚାମ୍ପିଅନ ପୁରସ୍କାର ଗ୍ରହଣ କରିଥିଲେ। ଶିକ୍ଷକ ଶିକ୍ଷୟତ୍ରୀ ସୁଦର୍ଶନ ପାଣିଗ୍ରାହୀ, ରବିନ୍ଦ୍ରନାଥ ମାଝୀ, ମାନସ କୁମାର ପାଣିଗ୍ରାହୀ, ଦିପ୍ତିରଞ୍ଜନ ପଣ୍ଡା, ମୁକେଶ କୁମାର ନାୟକ, ନିବେଦିତା ପାତ୍ର, ମନୋରମା ମାଝୀ, ଦେବପ୍ରକାଶ ମାଝୀ, ଦେବ ପ୍ରକାଶ ନାୟକ ସହଯୋଗ ଓ ପରିଚାଳନା କରିଥିଲେ।

## ହାଟଡିହୀ କଲେଜର କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

**ହାଟଡିହୀ/ସୋସୋ,୧୯।୧୨(ସମିସ):** ଆଞ୍ଚଳିକ ମହାବିଦ୍ୟାଳୟ ହାଟଡିହୀର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ତିନିଦିନ ଧରି ଚାଲିଥିବା ଏହି କ୍ରୀଡ଼ାରେ ପ୍ରବନ୍ଧ ଲିଖନ, ତର୍କ, କୁଇଜ୍, ନୃତ୍ୟଗୀତ, ଦୌଡ, ଉଚ୍ଚ ଡିଆଁ, ରଙ୍ଗୋଲି ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଯୋଗ ଦେଇଥିବା ବେଳେ ସମ୍ମାନଶତ ଅତିଥିଭାବେ ଡାକ୍ତର ଗୋଲେଖ ବିହାରୀ ନାୟକ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସ୍ୱର୍ଣ୍ଣଲକ୍ଷ୍ମୀ ରାଉତ, ପ୍ରତିଷ୍ଠାପ୍ରିୟ ଦର୍ଶନୀ ସା, ମାଣିକ ମୁଣ୍ଡା ପ୍ରମୁଖ ଚାମ୍ପିଆନ ହୋଇ ପୁରସ୍କୃତ ହୋଇଥିଲେ। ସାଂସ୍କୃତିକ ବିଭାଗ ଉପସଭାପତି ଡ.ଚକ୍ରଧର ଦାସ, ମେନକା ଧୁରୁଆ, କ୍ରୀଡା ବିଭାଗର ଉପସଭାପତି ଅଜୟ କୁମାର ଦାସ, ବିଶ୍ୱରଞ୍ଜନ ଜେନା, ଅବିନାଶ ରାଉତ ପ୍ରମୁଖ କ୍ରୀଡ଼ା ପରିଚାଳନା କରିଥିଲେ। ପ୍ରଧାପକ ବିଜୟ କୁମାର ନାୟକ ସଭା ସଂଯୋଜନା କରିଥିବା ବେଳେ ଅଧାପକ ଗୌରାଙ୍ଗ ଚରଣ ନାୟକ, ରବିନ୍ଦ୍ର କୁମାର ଜେନା, ବୃନ୍ଦାବନ ଓଝା, ଜଳଧର ଦାସ, ନିଲମ୍ ସୁୟାଁ, ମିନତି ବେହୁରିଆ, ପ୍ରଣୟ କୁମାର ନାୟକ, ସନତାନ ଖୁଣ୍ଟିଆ, ପୂର୍ଣ୍ଣଚନ୍ଦ୍ର ବେହେରା, ଗଙ୍ଗାଧର ପୁହାଣ, ଜିତେନ୍ଦ୍ର ବିଶ୍ୱାଳ, ଟୁମୁକିରାଣୀ ନାୟକ, ଜ୍ୟୋତିରୁପା ମଲ୍ଲିକ, ଦ୍ୱାରିକା ପ୍ରସାଦ ଦାସ, ମହେଶ୍ୱତା ଶର୍ମା, ବିଜୟଲକ୍ଷ୍ମୀ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ବଳରାମପୁରରେ ଧାନମଣ୍ଡି ଉଦ୍‌ଘାଟିତ



**ଆନନ୍ଦପୁର,୧୯।୧୨(ସମିସ):** ସ୍ଥାନୀୟ ବଳରାମପୁରରେ ଧାନମଣ୍ଡିର ଶୁଭାରମ୍ଭ ହୋଇଛି। ସେବା ସମବାୟ ସମିତି କାର୍ଯ୍ୟାଳୟ ପରିସରରେ ହୋଇଥିବା ଏହି ଧାନମଣ୍ଡିକୁ କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଦେବପ୍ରିୟ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ସମିତିର ସଭାପତି ପଞ୍ଚାନନ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମିତିର ସଂପାଦକ ସୁରେଶ ଚନ୍ଦ୍ର ରଣା ଚଳିତ ବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ଚାଷୀମାନଙ୍କୁ ସରକାରୀ ସହାୟକ ମୂଲ୍ୟ ଯୋଗାଇ ଦେବା କ୍ଷେତ୍ରରେ ଦେଇଥିବା ନିର୍ଦ୍ଦେଶ ନାମାକୁ ଘୋଷଣା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ ବିଶ୍ୱାଳ, ସନ୍ତୋଷ ଜେନା, ଡାଇରେକ୍ଟର ରଞ୍ଜନ ରାଉତ, ଜୀବନ ବଲ୍ଲଭ ବିଶ୍ୱାଳ, ପ୍ରତାପ ରାଉତ, ଭାଗିରଥି ଦାଶ, ନାରାୟଣ ସାହୁ, ଯୁଧିଷ୍ଠିର ସାହୁ, ମକରଧ୍ୱଜ ସାହୁ, ନନ୍ଦ କିଶୋର ସାହୁ, ନିରାକାର ଗିରି, ବଳରାମ ରାଉତ, ସଂଜୟ ଜେନା ଏବଂ ଅଗ୍ରଣୀ ଚାଷୀ ବିନୋଦ ପଲେଇ, ପ୍ରହ୍ଲାଦ ରାଉତଙ୍କ ସମେତ ବିଭିନ୍ନ ଗ୍ରାମରୁ ଶତାଧିକ ଚାଷୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଓ କର୍ମଚାରୀ

କେନ୍ଦୁଝର,୧୯।୧୨(ସମିସ)



ସ୍ଥାନୀୟ ଜୁଡିଆ ଫାର୍ମସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଓ କର୍ମଚାରୀ ମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି କୃଷି ଅନୁସନ୍ଧାନ ପରିଷଦ ଦ୍ୱାରା କରାଯାଉଥିବା ପକ୍ଷପାତିତା ଏବଂ ନୂତନ ପେନ୍‌ସନ ବାହାଲ କରିବାକୁ ନିବେଦନ କରିଛନ୍ତି। ପ୍ରକାଶ ଥାଉକି କୃଷି ବିଜ୍ଞାନ କେନ୍ଦ୍ର ମାନଙ୍କରେ କାର୍ଯ୍ୟରତ କୃଷି ବୈଜ୍ଞାନିକ ଓ କର୍ମଚାରୀମାନେ ଦୀର୍ଘ ବର୍ଷ ହେବ କାର୍ଯ୍ୟ କରିବା ସହିତ ବିଭିନ୍ନ ବୃତ୍ତିଗତ ମୌଳିକ ସମସ୍ୟା ସହିତ ଲଢୁଛନ୍ତି। ଅଦ୍ୟାବଧି ସାରା ଦେଶରେ ୭୩୧ଟି କୃଷି ବିଜ୍ଞାନ କେନ୍ଦ୍ର କାର୍ଯ୍ୟରତ ଅଛି। ସେଥିମଧ୍ୟରୁ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଅଧୀନରେ ୬୬ଟି ଅଛି। ଆଇସିଆର, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଏବଂ ବେସରକାରୀ ଅନୁଷ୍ଠାନ ଅଧୀନରେ ଥିବା କୃଷି ବିଜ୍ଞାନ କେନ୍ଦ୍ର ମାନଙ୍କରେ କାର୍ଯ୍ୟରତ ଥିବା କର୍ମଚାରୀ ମାନଙ୍କର ବୃତ୍ତିରେ ଅସାମଞ୍ଜସ୍ୟ ରହିଛି। ଯେପରିକି ସମାନ କାମକୁ ସମାନ ଦରମା ନାହିଁ। ପରିଷଦ ଅଧୀନରେ ଥିବା କୃଷି ବିଜ୍ଞାନ କେନ୍ଦ୍ରର କର୍ମଚାରୀ ମାନଙ୍କର ଅବସର କାଳୀନ ଭତ୍ତା ଏବଂ ପଦୋନ୍ନତି ଥିବା ବେଳେ ବିଶ୍ୱବିଦ୍ୟାଳୟ ଅଧିନରେ ଥିବା ବୈଜ୍ଞାନିକ ଏବଂ କର୍ମଚାରୀ ମାନେ ଏଥିରୁ ବଞ୍ଚିତ ରହିଛନ୍ତ। ସବୁ କୃଷି ବିଜ୍ଞାନ କେନ୍ଦ୍ରରେ ସମାନ ବୃତ୍ତିଗତ ନିୟମ ପ୍ରଚଳନ ହେଉ ନାହିଁ। ଏହିସବୁ ସମସ୍ୟାକୁ ଆଖି ଆଗରେ ରଖି କୃଷି ବିଜ୍ଞାନ କେନ୍ଦ୍ର, କେନ୍ଦୁଝରର ସମସ୍ତ ବୈଜ୍ଞାନିକ ଓ କର୍ମଚାରୀମାନେ ଏକତ୍ର ହୋଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀଙ୍କୁ ଦେଖାକରି ଦାବିପତ୍ର ଦେଇଛନ୍ତି ଏବଂ ସେମାନଙ୍କ ସମସ୍ୟାକୁ ଦୁରକରିବାକୁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

## ଫାଇନାନ୍ସ କର୍ମଚାରୀଙ୍କଠାରୁ ଟଙ୍କା ଲୁଟ୍

**ଯୋଡା,୧୯।୧୨(ସମିସ):** କେନ୍ଦୁଝର ଜିଲ୍ଲା ବାମେବାରି ଥାନା ଅନ୍ତର୍ଗତ ଗୁରୁଡାପଳଶା ରାସ୍ତାରେ ଭାରତ ଫାଇନାନ୍ସ କର୍ମଚାରୀ ନବକୃଷ୍ଣ ରାଉତଙ୍କ ଠାରୁ ୫୨ ହଜାର ୭ ୬୫ ଟଙ୍କା ବନ୍ଧୁକ ଦେଖାଇ ଦୁର୍ବୃର୍ତ୍ତ ମାନେ ଲୁଟ କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି । ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଫାଇନାନ୍ସ କର୍ମଚାରୀ ରାଉତ ତାଙ୍କ ବାଇକ୍ ଯୋଗେ ବିଭିନ୍ନ ଅଞ୍ଚଳରୁ ଋଣ ଟଙ୍କା ସଂଗ୍ରହ କରି ଉକ୍ତ ରାସ୍ତା ଦେଇ ଝୁମ୍ପୁରା ଅଭିମୁଖେ ଯାଉଥିଲେ । ଦୁଇ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କୁ ବନ୍ଧୁକ ଦେଖାଇ ଭୟଭିତ କରି ସେ ଧରିଥିବା ଟଙ୍କା ବ୍ୟାଗ୍‌କୁ ଲୁଟି ନେଇଥିଲେ । ଏ ନେଇ ବାମେବାରି ଥାନାରେ କେସ ନଂ ୨୬୮/୨୦୨୪ ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଆଇଆଇସି ପ୍ରଫୁଲ୍ଲ ଲାକ୍ରା କହିଛନ୍ତି । ଦିନ ଦ୍ୱିପ୍ରହରରେ ଏହିପରି ଲୁଟ ଘଟଣା ଘଟିବା ପରେ ଖଣି ଅଞ୍ଚଳରେ ଆତଙ୍କ ଖେଳିଯାଇଛି ।

## ଗଛକୁ ଧକ୍କାଦେଲା ଅଟୋ; ୨ ଗୁରୁତର

**ତୁରୁମୁଙ୍ଗା,୧୯।୧୨(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ମାଧପୁର ଲେମ୍ବୁ ବଗିଚା ନିକଟରେ ଗୁରୁବାର ମଧ୍ୟାହ୍ନରେ ଭାରସାମ୍ୟ ହରାଇ ଏକ ଅଟୋ ରାସ୍ତା କଡରେ ଥିବା ଆକାଶିଆ ଗଛକୁ ଧକ୍କା ଦେବା ଫଳରେ ଅଟୋରେ ଥିବା ଦୁଇ ଜଣ ଗୁରୁତର ହୋଇଛନ୍ତି । ଏକ ବାଇକକୁ ବଞ୍ଚାଇବା ପାଇଁ ଅଟୋଟି ଭାରସାମ୍ୟ ହରାଇ ଦୁର୍ଘଟଣା ହେବାରୁ ସେଥିରେ ଥିବା ୨ ଜଣ ଗୁରୁତର ହୋଇଥିଲେ । ଗୁରୁତରଙ୍କୁ ଅଗ୍ନିଶମ ବାହିନୀ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଅବସ୍ଥା ଗୁରୁତର ହେବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଗୁରୁତର ଦୁଇ ଜଣ ହେଲେ ପାଟଣା ଥାନା ବାଦୁଡିଘେରା ଗ୍ରାମର ଦିଲ୍ଲୀପ ନାଏକ(୩୨) ଏବଂ ସଦର ଥାନା କାଠବାରି ଗ୍ରାମର ହୀରଲାଲ ନାଏକ (୧୮) । ଉଭୟଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି ।

## ଟ୍ରେନ୍‌ରେ କଟି ଯୁବକଙ୍କ ମୃତ୍ୟୁ

**ଯୋଡା,୧୯।୧୨(ସମିସ):** କେନ୍ଦୁଝର ଜିଲ୍ଲା ବାମେବାରି ଥାନା ଅନ୍ତର୍ଗତ ତଥା ଦକ୍ଷିଣ- ପୂର୍ବ ରେଳପଥର ଜୁରୁଡି ରେଳ ସାଇଡିଂ ନିକଟରେ ଥିବା ୬ ନଂ ରେଳ ଧାରଣାରେ ଜଣେ ଯୁବକଙ୍କ ଟ୍ରେନରେ କଟି ମୃତ୍ୟୁ ଘଟିଥିବା ଜଣାପଡିଛି । ଯୁବକଙ୍କ ଶରୀର ଦୁଇ ଖଣ୍ଡ ହୋଇ ଯାଇଥିବା ଦେଖିବାକୁ ମିଳିଥିଲା ।ଜୁରୁଡ଼ି ରେଳ ସାଇଡିଂର ଷ୍ଟେସନ ମ୍ୟାନେଜରଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ଦୁର୍ଘଟଣା ଗୁରୁବାର ଦିନ ପ୍ରାୟ ୧ଟା ସମୟରେ ହୋଇଛି । ଜିଆର୍‌ପି ପୁଲିସ ଏହି ଘଟଣାର ଅନୁସନ୍ଧାନ କରିବ ବୋଲି କହିଥିଲେ । ଯୁବକଙ୍କ ପ୍ରକୃତ ପରିଚୟ ମିଳି ପାରି ନ ଥିବା ବେଳେ ତାଙ୍କ ଘର ଜାମିରଡା ଅଞ୍ଚଳରେ ବୋଲି ଶୁଣିବାକୁ ମିଳିଥିଲା ।

## ମିଳିମିଳାରେ ପୁଣି ୩ ଛେଳିଙ୍କ ମୃତ୍ୟୁ



**ତୁରୁମୁଙ୍ଗା,୧୯।୧୨(ସମିସ):** କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଅଞ୍ଚଳରେ ଛେଳିଙ୍କ ନିକଟରେ ଗୋଟ୍ ଫକ୍ସ (ମିଳିମିଳା) ଆକ୍ରାନ୍ତ ହୋଇଥିବା ବେଳେ ଗୋରୁ ଗାଇ ଲମ୍ପିସ୍କିନ୍ ରୋଗରେ ଆକ୍ରାନ୍ତ ହୋଇଛନ୍ତି । ବ୍ଲକର ବିଭିନ୍ନ ଗ୍ରାମରେ ଶତାଧିକ ଗୋରୁ ଗାଇ ଆକ୍ରାନ୍ତ ହୋଇଥିବା ବେଳେ ପ୍ରାଣୀ ସମ୍ପଦ ବିଭାଗର ଅବହେଳା ଯୋଗୁଁ ଗାଇ ଗୋରୁଙ୍କ ସହ ଛେଳିଙ୍କର ମୃତ୍ୟୁ ହେଉଥିବା ଅଭିଯୋଗ ହୋଇଛି । ଗତ ସୋମବାର ସକାଳୁ ଶଙ୍ଖୁଆ ପଞ୍ଚାୟତ ବଡ଼ବାଲିପଶି ଗ୍ରାମର ଚାଷୀ କେଶବ ଚନ୍ଦ୍ର ମହାନ୍ତଙ୍କ ୭ଟି ଛେଳି ଗୋଟ୍ ଫକ୍ସ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ହୋଇଥିବା ବେଳେ ପୁଣି ମଙ୍ଗଳବାର ଆଉ ୩ଟି ଛେଳିଙ୍କର ମୃତ୍ୟୁ ହୋଇଛି । ଛେଳିଙ୍କ ନାକରୁ ସିଙ୍ଗାଣି ସହ ଆଖି ଓ ପାଟିରୁ ପାଣି ସହ ପାଟିରେ ଘା' ହୋଇଥିବା ଲକ୍ଷଣ ଦେଖା ଦେଇ ଜ୍ୱର ହେବା ପରେ ଛେଳିଙ୍କର ଏଭଳି ମୃତ୍ୟୁ ହୋଇଥିବା କେଶବ କହିଛନ୍ତି । ଏନେଇ ସାହାରପଡା ବ୍ଲକ ପଶୁ ଚିକିତ୍ସା ଧିକାରୀ ଡ ଲୀନା କଲହଙ୍କୁ ପଚାରିବାରୁ ଛେଳି ଗୁଡିକ ମିଳିମିଳା ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିବା କହିଛନ୍ତି । ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଅଶୋକ ସାହୁ ଗାଁକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି ।

## ଚାରିଗଡ଼ କଲେଜରେ କ୍ରୀଡ଼ା ପ୍ରତିଯୋଗିତା



**ତେଲକୋଇ,୧୯।୧୨(ସମିସ):** କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ସ୍ଥିତ ଚାରିଗଡ଼ ମହାବିଦ୍ୟାଳୟରେ ଆଜି ୩୭ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟନ ହୋଇଛି । ଏହି ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅଧ୍ୟକ୍ଷ ପାଣ୍ଡବ ଚରଣ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାଏକ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ । ଏଥିରେ +୨ ଓ+୩ ଛାତ୍ରଛାତ୍ରୀଙ୍କୁ ନେଇ ଦୁଇ ଦିନ ଧରି ବିଭିନ୍ନ ଖେଳ ଅନୁଷ୍ଠିତ ହେବ । ଅଧ୍ୟାପକ ନରେଶ ମହାନ୍ତି ଟୁନାରାମ ମହାନ୍ତ, ସନ୍ଦିପ କୁମାର ସିଂ, ଡଃ ନିତ୍ୟାନନ୍ଦ କର, ସଞ୍ଜୟ ଦେହୁରୀ, ଅଧ୍ୟାପିକା ଡ. ମୋନାଲିସା ପ୍ରଧାନ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ସହଯୋଗ କରିଥିଲେ ।

### ମହତାବ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ

# 'ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଦୂରଦୃଷ୍ଟି ଆବଶ୍ୟକ'

**ଚମ୍ପୁଆ, ୧୯।୧୨(ସମିସ)**




ଚମ୍ପୁଆ ମହତାବ ଉଚ୍ଚ ବିଦ୍ୟାଳୟରେ ହୀରକ ଜୟନ୍ତୀ ପାଳିତ ହୋଇଯାଇଛି । ୨ ଦିନ ଧରି ପାଳନ ହେବାକୁ ଥିବା ଏହି ହୀରକ ଜୟନ୍ତୀର ପ୍ରଥମ ଦିନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡା. ଫକୀର ନାଏକ, ମୁଖ୍ୟବକ୍ତା ଭାବେ ବଡ଼ବିଲ କଲେଜର ପୂର୍ବତନ ଅଧ୍ୟକ୍ଷ ମାଧବ ଚନ୍ଦ୍ର ମିଶ୍ର, ଆଇଆଇଟି ସଦସ୍ୟ ସତ୍ୟଜିତ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ମୁଖ୍ୟମନ୍ତ୍ରୀ କେକ୍ କାଟିଥିଲେ । ପ୍ରାଥମିକ ଶିକ୍ଷା ବ୍ୟବସ୍ଥାର ସୁଧାର ଆଣିବାକୁ ବର୍ତ୍ତମାନର ସରକାର ଚେଷ୍ଟା କରୁଛନ୍ତି । ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଚେଷ୍ଟା ଚଳାଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଜ୍ଞାନ ହିଁ ଶକ୍ତି; ଏହାର ଉପଯୋଗରେ ସମୃଦ୍ଧ ଦେଶ ଗଠନ କରାଯାଇପାରିବ । ଓଡିଶାରେ ସ୍ୱାକ୍ଷରତା ହାର ବଢ଼ିଛି; ଶିକ୍ଷା ବ୍ୟବସ୍ଥାରେ ଉପୁଜି ଥିବା ସମସ୍ୟାକୁ ଅନୁଧ୍ୟାନ କରାଯିବା ସହ ଆଗାମୀ ଦିନରେ ଏହି ସମସ୍ୟା ସୁଧାରି ଅଣାଯିବ ବୋଲି ସେ କହିଥିଲେ । ଚମ୍ପୁଆ ଭଳି ଉପାନ୍ତ ଅଞ୍ଚଳକୁ ୧୯୪୮ ମସିହାରେ ନିର୍ମିତ ଏହି ମହତାବ ଉଚ୍ଚ ବିଦ୍ୟାଳୟ ଋଦ୍ଧିମନ୍ତ କରିଛି ଏବଂ ସ୍ଥାନୀୟ ଅଞ୍ଚଳର ମାନ ବୃଦ୍ଧି କରିଛି । ତୃଣମୂଳ ସ୍ତରରେ ଛାତ୍ରଛାତ୍ରୀ ଯଦି ସ୍ମାର୍ଟ ନହେବେ ତେବେ ଉଚ୍ଚ ବିଦ୍ୟାଳୟରେ ସ୍ମାର୍ଟ ଶିକ୍ଷାର ମାନ ନିଶ୍ଚିତ ରୂପେ ହ୍ରାସ ପାଇବ । ଏଥିପାଇଁ ପ୍ରତ୍ୟେକ ପଞ୍ଚାୟତ ସ୍ତରରେ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ କରିବାକୁ ସେ ମତ ରଖିଥିଲେ । ଚମ୍ପୁଆ ଓ କେନ୍ଦୁଝରରେ ପ୍ରାଚୁର୍ଯ୍ୟ ମଧ୍ୟରେ ଦାରିଦ୍ର୍ୟତା ରହିଛି ତେଣୁ କେନ୍ଦୁଝରକୁ ବିକଶିତ ଓ ସୁନାର କେନ୍ଦୁଝର ପାଇଁ କେନ୍ଦୁଝରବାସୀ ସହଯୋଗର ହାତ ବଢାନ୍ତୁ ବୋଲି ସେ ଆହ୍ୱାନ ଦେଇଥିଲେ । ଚମ୍ପୁଆ ମହତାବ ଉଚ୍ଚ ବିଦ୍ୟାଳୟରେ ୧୦୦ ଶଯ୍ୟା ବିଶିଷ୍ଟ ଏକ ଛାତ୍ରାବାସ ନିର୍ମାଣ, ପାନୀୟଜଳ ବ୍ୟବସ୍ଥା, ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଇଁ ସ୍ମାର୍ଟ କ୍ଲାସରେ ସ୍ମାର୍ଟ ପାଠ୍ୟକ୍ରମ ବ୍ୟବସ୍ଥା, ଚମ୍ପୁଆରେ ବାଇପାସ୍ ନିର୍ମାଣ, କେନ୍ଦ୍ରୀୟ ବିଦ୍ୟାଳୟ କାର୍ଯ୍ୟକ୍ଷମ ଏବଂ କେନ୍ଦୁଝରରେ ମେଗା ଷ୍ଟିଲ ପ୍ଲାଣ୍ଟ ନିର୍ମାଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ । ପୂର୍ବତନ ଛାତ୍ରମାନଙ୍କ ଦ୍ୱାରା ଆୟୋଜିତ ଏହି ହୀରକ ଜୟନ୍ତୀରେ ପୂର୍ବତନ ଶିକ୍ଷକମାନଙ୍କୁ ସମ୍ମାନିତ କରଯାଇଥିଲା । ବିଭିନ୍ନ କ୍ଷେତ୍ରରେ ପାରିଦର୍ଶିତା ହାସଲ କରିଥିବା ଛାତ୍ରୀଙ୍କୁ ମୁଖ୍ୟଅତିଥି ପୁରସ୍କାର ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ । ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସ୍ମରଣିକା ପୁସ୍ତକର ଉନ୍ମୋଚନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଆଲୁମିନି ଛାତ୍ର ସଭାପତି ଗଙ୍ଗାଧର କର, ସଂପାଦକ ସୁଶାନ୍ତ ମହାନ୍ତ ପ୍ରମୁଖ ପରିଚାଳନା କରିଥିବା ବେଳେ ମହତାବ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରକାଶ ସାହୁ ମଞ୍ଚ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ପୁରାତନ ଶିକ୍ଷକ, ପୁରାତନ ଛାତ୍ରଛାତ୍ରୀଙ୍କ ସମେତ ବର୍ତ୍ତମାନର ଛାତ୍ରଛାତ୍ରୀ ଓ ଜନସାଧାରଣ ଯୋଗ ଦେଇଥିଲେ ।

### ସରଳା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ

## ଫାଟକରେ ତାଲାପକାଇଲେ ଛାତ୍ରଛାତ୍ରୀ ଓ ଅଭିଭାବକ



**ହାଟଡ଼ିହୀ/ସୋସୋ,୧୯।୧୨(ସମିସ):** ହାଟଡ଼ିହୀ ବ୍ଲକ୍ ଉଅଁର ପଞ୍ଚାୟତ ସରଳା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବରୁ ଫାଟକରେ ତାଲାପକାଇ ଧାରଣାରେ ବସିଛନ୍ତି ଛାତ୍ରଛାତ୍ରୀ । ସେମାନଙ୍କ ସହିତ ଅଭିଭାବକ ଓ ସ୍କୁଲ କମିଟର ସଦସ୍ୟମାନେ ମଧ୍ୟ ସାମିଲ ହୋଇଛନ୍ତି । ସେମାନଙ୍କ ଅଭିଯୋଗ ଯେ ବିଦ୍ୟାଳୟରେ ପ୍ରଥମରୁ ୫ମ ପର୍ଯ୍ୟନ୍ତ ପାଞ୍ଚଟି ଶ୍ରେଣୀରେ ୯୦ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ତିନିଜଣ ଶିକ୍ଷକରେ ବିଦ୍ୟାଳୟଟି ଚାଲୁଥିଲା । ଜଣେ ଶିକ୍ଷୟତ୍ରୀ ପ୍ରସବ କାଳୀନ ଛୁଟିରେ ରହୁଥିବା ବେଳେ ଅନ୍ୟ ଜଣେ ବଦଳି ହୋଇଯିବା ପରେ ଦୀର୍ଘଦିନ ହେଲା ମାତ୍ର ଜଣେ ଶିକ୍ଷକରେ ବିଦ୍ୟାଳୟଟି ଚାଲୁଛି । ଫଳରେ ୫ଟି ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରିବା, ମଧ୍ୟାହ୍ନଭୋଜନ ଆଦି କାର୍ଯ୍ୟ ସମ୍ଭବ ହୋଇପାରୁନି । ଯାହାଦ୍ୱାରା ପିଲାମାନେ ସ୍କୁଲ ଆସି ଶିକ୍ଷାଲାଭରୁ ବଞ୍ଚିତ ହୋଇ ପାଠ ନ ପଢ଼ି ବସି ବସି ଘରକୁ ଫେରୁଛନ୍ତି । ଏହାକୁ ନେଇ ସ୍କୁଲ ପରିଚାଳନା କମିଟି ବାରମ୍ବାର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ସୁଦ୍ଧା ଶିକ୍ଷାବିଭାଗ ପକ୍ଷରୁ କୌଣସି ପ୍ରତିକାର ବ୍ୟବସ୍ଥା ଗ୍ରହଣ କରୁନି । ଏହାକୁ ନେଇ ପରିଚାଳନା କମିଟି ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ବିନୋଦ ଜେନା, ନାରାୟଣ ଚନ୍ଦ୍ର ଜେନା, ରୁଦ୍ର ନାରାୟଣ ସା, ଅତୁଲ କୁମାର ବେହେରା, ନବକିଶୋର ଭୋଇ, ଅନନ୍ତ ବରାଳ, ଗଦାଧର ନାୟକ, ବିଶ୍ୱରଞ୍ଜନ ପରିଡ଼ା, ପଦ୍ମନାଭ ଜେନା ପ୍ରମୁଖଙ୍କ ସହ ଗ୍ରାମବାସୀମାନେ ଛାତ୍ରଛାତ୍ରୀଙ୍କୁ ଧରି ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣାରେ ବସିଛନ୍ତି । ଅତି ଶୀଘ୍ର ଶିକ୍ଷକ ନିଯୁକ୍ତି ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଜଣାଇଛୁ ବୋଲି ବ୍ଲକ ସହ ଶିକ୍ଷା ଅଧିକାରୀ କହିଛନ୍ତି । ଖବରପାଇ ବ୍ଲକ ସହଶିକ୍ଷା ଅଧିକାରୀ ପ୍ରମୋଦ କୁମାର ନାୟକ, ବଶିଷ୍ଠ ସହାୟକ ପ୍ରସନ୍ନ କୁମାର ବେହେରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରି ଜଣ ଜଣ କରି ଶିକ୍ଷକ ପଠାଉଥିଲେ ବି ସେମାନେ କାର୍ଯ୍ୟରେ ଯୋଗଦେଇ ପାରୁନାହାନ୍ତି । ଯାହାକୁ ନେଇ ସମସ୍ୟା ସୃଷ୍ଟି ହେଉଛି ବୋଲି କହିଥିଲେ । ଆସନ୍ତା ୨ତାରିଖ ଭିତରେ ଶିକ୍ଷକ ନିଯୁକ୍ତି ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । କିନ୍ତୁ ଗ୍ରାମବାସୀ ଶିକ୍ଷକ ନିଯୁକ୍ତି ନହେବା ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି କହିଛନ୍ତି ।

## ପଞ୍ଚାୟତ ସମିତି ମହାବିଦ୍ୟାଳୟର କ୍ରୀଡ଼ା ଉତ୍ସବ



**ବାଲିବନ୍ଧ,୧୯।୧୨(ସମିସ):** ଝୁମ୍ପୁରା ପଞ୍ଚାୟତ ସମିତି ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ୧୭ ଓ ୧୮ ତାରିଖ ଦୁଇ ଦିନ ଧରି ମହାବିଦ୍ୟାଳୟର ଯୁକ୍ତ ଦୁଇ ଏବଂ ଯୁକ୍ତ ତିନି ବିଭାଗର ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନପ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଉଦଘାଟନୀ ଉତ୍ସବରେ ଝୁମ୍ପୁରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ହୃଦାନନ୍ଦ ଅଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଅଧ୍ୟକ୍ଷ ଦେବବ୍ରତ ମିଶ୍ର, ଡ. ମନୋରଞ୍ଜନ କର ପ୍ରମୁଖ ଉପସ୍ଥିତ ରହିଥିଲେ । ସେହିପରି ଉଦଯାପନୀ ଉତ୍ସବରେ ଅଧ୍ୟକ୍ଷ ଦେବବ୍ରତ ମିଶ୍ର ଅଧ୍ୟକ୍ଷତା କରିଥିଲେ । ମହାବିଦ୍ୟାଳୟର ପ୍ରଥମ ଅଧ୍ୟକ୍ଷ ଡ. ଲଳିତ ମୋହନ ମହାନ୍ତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଝୁମ୍ପୁରା ଶାଖାର ପରିଚାଳକ ସରୋଜ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ । ତେବେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଯୁକ୍ତ ଦୁଇ ବିଭାଗର କ୍ରୀଡ଼ା ସଂଯୋଜକ ଅଧ୍ୟାପକ ଶଶାଙ୍କ ଶେଖର ନାୟକ, ଯୁକ୍ତ ତିନି ବିଭାଗର କ୍ରୀଡା ସଂଯୋଜକ ଅଧ୍ୟାପକ ଅଶ୍ୱିନୀ କୁମାର ପ୍ରଧାନ ଏବଂ ମହାବିଦ୍ୟାଳୟର ଖେଳ ଶିକ୍ଷକ ଶିଶିର କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଥିଲା ।

## ବୁଦାମୂଳରୁ ଡ୍ରାଇଭରଙ୍କ ମୃତଦେହ ଉଦ୍ଧାର

**ଯୋଡା,୧୯।୧୨(ସମିସ):** କେନ୍ଦୁଝର ଜିଲ୍ଲା ବାମେବାରି ଥାନା ଅନ୍ତର୍ଗତ ଜରିବାହାଲ ଆନ୍ତରମାନ୍ତରା ପାର୍କିଂ ବୁଦା ନିକଟରୁ ସନ୍ଦେହ ଜନକ ଭାବେ ଜଣେ ଡ୍ରାଇଭରର ମୃତଦେହ ପୁଲିସ ଉଦ୍ଧାର କରିଛି । ମୃତ ଡ୍ରାଇଭର ହେଲେ ଘଟଗାଁ ଥାନା ସାନ୍ତାରାପୁର ଗ୍ରାମର ସୁଶାନ୍ତ ମହାକୁଡ (୩୪) । ଘଟଣାସ୍ଥଳରୁ ମିଳିଥିବା ସୂଚନା ଅନୁଯାୟୀ, ସୁଶାନ୍ତ ମହାକୁଡ ତାଙ୍କ ଟ୍ରକ୍ (ନଂ ଓଡି୦୯ ଆର୍ ୦୬୦୦)ରେ ହେଲପର ଚନ୍ଦ୍ରକାନ୍ତା ନାଏକ ସହିତ ଯୋଡା ଖଣି ମଣ୍ଡଳର ଏକ ଖଣିକୁ ଖଣିଜ ବୋଝେଇ ନିମନ୍ତେ ଆସିଥିଲେ । ଗତ ରବିବାର ଉକ୍ତ ପାର୍କିଂ ସ୍ଥଳରେ ଟ୍ରକ୍ ଏଣ୍ଟ୍ରି କରି ପାର୍କିଂ କରିଥିଲେ । ସୋମବାର ଖଣିଜ ବୋଝେଇ ନିମନ୍ତେ ଖଣି କମ୍ପାନୀକୁ ବାହାରି ଯାଇଥିଲେ । ଉକ୍ତ ଖଣିରେ ଖଣିଜ ବୋଝେଇ ନିମନ୍ତେ ଧାଡ଼ିରେ ରହିବାକୁ ପଡୁଥିବାରୁ ଡ୍ରାଇଭର ସୁଶାନ୍ତ ତାଙ୍କ ହେଲ୍ପର ଚନ୍ଦ୍ରକାନ୍ତା କୁ ଟ୍ରକ୍ ବୋଝେଇ ନିମନ୍ତେ ଆଗକୁ ନେବା ପାଇଁ କହି ସେଠାରୁ ସେ ନିକଟରେ ଥିବା ଏକ ଛକକୁ ଯାଇଥିଲେ । ତେବେ ସନ୍ଧ୍ୟା ପର୍ଯ୍ୟନ୍ତ ଡ୍ରାଇଭର ସୁଶାନ୍ତ ଟ୍ରକ୍ ପାଖକୁ ଫେରି ନ ଥିଲେ । ବୁଧବାର ସନ୍ଧ୍ୟା ସମୟରେ ଆନ୍ତରମାନ୍ତର । ପାର୍କିଂ ନିକଟ ଏକ ବୁଦା ମୂଳରେ ସୁଶାନ୍ତଙ୍କ ଅର୍ଦ୍ଧନଗ୍ନ ଅବସ୍ଥାରେ ମୃତଦେହ ପଡ଼ିଥିବା ଖବର ପାଇ ହେଲପର ଚନ୍ଦ୍ରକାନ୍ତା ପରିବାର ଲୋକଙ୍କୁ ଖବର ଦେଇଥିଲେ । ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିବା ପରେ ରାଉରକେଲାରୁ ସାଇଣ୍ଟିଫିକ୍ ଟିମ୍ ଡକାଇ ଘଟଣା ଅନୁସନ୍ଧାନ କରିଥିଲା । ଅନୁସନ୍ଧାନ ପରେ ମୃତଦେହକୁ ପୁଲିସ ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ଏ ନେଇ ବାମେବାରି ପୁଲିସ ଏକ ଅପମୃତ୍ୟୁ ମାମଲା ନଂ ୩୮/୨୦୨୪ ରୁଜୁ କରିଛି । ଶବ ବ୍ୟବଚ୍ଛେଦ ରିପୋର୍ଟ, ଅନୁସନ୍ଧାନ ରିପୋର୍ଟ ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ଓ ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ପ୍ରଫୁଲ୍ଲ ଲାକ୍ରା କହିଛନ୍ତି ।

● ମନରେଗାରେ ଦୁର୍ନୀତି ମାମଲା

## ବଦଳିଲେ ବୁଢ଼ୀକାପୁଡ଼ି ପଞ୍ଚାୟତର ଏଡିଓ

**ତୁରୁମୁଙ୍ଗା,୧୯।୧୨(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକରେ ମନରେଗା କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ସହ ଟଙ୍କା ନଦେଲେ ବୁଢୀକାପୁଡ଼ି ପଞ୍ଚାୟତରେ କାର୍ଯ୍ୟ କରୁଥିବା ଏଡିଓ ଡିମାଣ୍ଡ ମାରୁ ନଥିବା ଭଳି ଅଭିଯୋଗରେ କାର୍ଯ୍ୟାନୁଷ୍ଠାନ ହୋଇଛି । ସଂପୃକ୍ତ ଏଡିଓଙ୍କୁ ବଦଳି କରାଯାଇଛି । 'ସକାଳ'ରେ ଖବର ପ୍ରକାଶ ପରେ ଘଟଣାର ତଦନ୍ତ କରିବା ସହ କାର୍ଯ୍ୟାନୁଷ୍ଠାନ ନେବାକୁ ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟ ପାଟଣା ସହକାରୀ ଯନ୍ତ୍ରୀ ସିଦ୍ଧ ମାଝୀ ଏବଂ ଏପିଓ ଦୀପକ ବେହେରାଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଫଳରେ ବୁଢୀକାପୁଡି ପଞ୍ଚାୟତର ଏଡିଓ ମୋନାଲିସା ମହାନ୍ତଙ୍କୁ ଉକ୍ତ ପଞ୍ଚାୟତରୁ ମୁରୁସୁଆଁ ପଞ୍ଚାୟତକୁ ବଦଳି କରାଯାଇଛି । ଏନେଇ ପାଟଣା ପଞ୍ଚାୟତ ସମିତି କାର୍ଯ୍ୟାଳୟରୁ ଚିଠି ନମ୍ବର ୧୨୭୪୬/୨୪ରେ ବିଡିଓ ମାନସ କୁମାର ଦଣ୍ଡପାଟ ବଦଳି ନିର୍ଦ୍ଦେଶ ଦେଇଛନ୍ତି । ତାଙ୍କ ବଦଳରେ ମୁରୁସୁଆଁ ପଞ୍ଚାୟତର ଏଡିଓ ଭାଗୀରଥି ମହାନ୍ତଙ୍କୁ ବୁଢୀକାପୁଡ଼ି ପଞ୍ଚାୟତରେ ଯୋଗଦାନ କରିବା ପାଇଁ ବିଡିଓ ଚିଠିରେ ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନା ଯେ ବୁଢୀକାପୁଡି ପଞ୍ଚାୟତର ଏଡିଓ ମୋନାଲିସା ମହାନ୍ତ ପ୍ରତ୍ୟେକ କାମର ଡିମାଣ୍ଡ ପିଛା ଟଙ୍କା ଦାବି କରୁଥିବା ଅଭିଯୋଗ ହୋଇଥିବା । ଗାଁ ସାଥି ମାନଙ୍କ ଡିମାଣ୍ଡକୁ ଅବହେଳା କରି କଣ୍ଟ୍ରାକ୍ଟରଙ୍କ ଠାରୁ ଟଙ୍କା ନେଇ ଡିମାଣ୍ଡ କରୁଥିବା ଅଭିଯୋଗ ହୋଇଥିଲା । ସେ ପଞ୍ଚାୟତରେ ନିଜେ କାମ ନକରି ଅନ୍ୟ ଜଣଙ୍କ ଦ୍ୱାରା କମ୍ପ୍ୟୁଟର କାର୍ଯ୍ୟ କରୁଥିବା ନେଇ ଏଡିଓଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇ ତାଙ୍କୁ ଅନ୍ୟତ୍ର ବଦଳି ପାଇଁ ବୁଢୀକାପୁଡି ସରପଞ୍ଚ ମମତା ନାଏକ ପାଟଣା ବିଡିଓଙ୍କୁ ଲିଖିତ ଅଭିଯୋଗ କରିଥିଲେ । ଏନେଇ ଖବର ପ୍ରକାଶ ପରେ ତତ୍ପରତା ପ୍ରକାଶ ପାଇବା ସହ ବିବାଦୀୟ ଏଡିଓ ମୋନାଲିସା ମହାନ୍ତଙ୍କୁ ବୁଢ଼ୀକାପୁଡ଼ି ପଞ୍ଚାୟତରୁ ବଦଳି କରାଯାଇଛି ।

### ପାର୍କ ଦେଉଛି ଫିଟ୍‌ନେସ୍ ମନ୍ତ୍ର

# ବ୍ୟାୟାମ ଓ ଯୋଗାଭ୍ୟାସ ପାଇଁ ସକାଳୁ ଲାଗୁଛି ଗହଳି

**କେନ୍ଦୁଝର,୧୯।୧୨(ସମିସ)**



କେନ୍ଦୁଝର ସହରରେ ୧୫ରୁ ଅଧିକ ପାର୍କ

ଶୀତୁଆ ସକାଳରେ କିଏ ମର୍ଣ୍ଣିଂ ୱାକ୍ କରୁଛି ତ ପୁଣି କିଏ ଯୋଗାଭ୍ୟାସ । କେନ୍ଦୁଝର ସହରରେ ଏକାଧିକ ଜିମ୍ ଓ ଅତ୍ୟାଧୁନିକ ବ୍ୟାୟାମଶାଳା ଥିଲେ ବି ସହରରେ ଥିବା ୧୫ରୁ ଅଧିକ ପାର୍କରେ ପ୍ରତିଦିନ ସକାଳେ ଗହଳି ଦେଖିବାକୁ ମିଳୁଛି । ଲୋକମାନେ ଶୀତତାପ ନିୟନ୍ତ୍ରିତ ଜିମର କୃତ୍ରିମ ପବନ ଅପେକ୍ଷା ପାର୍କର ପ୍ରାକୃତିକ ଖୋଲା ପବନ ତଳେ ବ୍ୟାୟାମ ଓ ଯୋଗାଭ୍ୟାସ କରିବାକୁ ବେଶୀ ପସନ୍ଦ କରୁଛନ୍ତି । ୫/୬ ବର୍ଷ ତଳେ କେନ୍ଦୁଝରଗଡ଼ ସହରରେ ପାର୍କ କହିଲେ ଜିଲ୍ଲାପାଳଙ୍କ ସରକାରୀ ଆବାସ ସାମ୍ନାରେ ଥିବା ଦୁଇଟି ପରିତ୍ୟକ୍ତ ଉଦ୍ୟାନକୁ ବୁଝାଉଥିଲା । ଗୋଟିକରେ ପିଲା ହ୍ୟାଣ୍ଡବଲ୍ ଓ କ୍ରିକେଟ ଖେଳୁଥିଲେ, ସାମାନ୍ୟ କେତେଗୋଟି ଦୋଳି ଭଗ୍ନ ଅବସ୍ଥାରେ ପଡ଼ିଥିଲା । ହେଲେ ପୂର୍ବ ସରକାରଙ୍କ ଅମଳରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡିଏମ୍ଏଫ୍) ପାଣ୍ଠି ସମେତ ମୁକ୍ତା (ମୁଖ୍ୟମନ୍ତ୍ରୀ କର୍ମତତ୍ପର ଯୋଜନା) ତଥା ଅନ୍ୟାନ୍ୟ ଯୋଜନାରେ ଅର୍ଥ ବିନିଯୋଗ କରାଯାଇ ସହରରେ ଏକାଧିକ ପାର୍କ ନିର୍ମାଣ କରାଯାଇଥିଲା । ଏବେ ସହରରେ ୧୫ରୁ ଅଧିକ ପାର୍କ ଲୋକଙ୍କ ପାଇଁ ଫିଟ୍‌ନେସ ପଏଣ୍ଟ ପାଲଟିଛି । କେନ୍ଦୁଝରଗଡ଼ ପୌରପାଳିକା ଦ୍ୱାରା ନିର୍ମିତ ପରିଚୟ ଗୃହରେ ମଧ୍ୟ ଲୋକମାନେ ପ୍ରତ୍ୟହ ବ୍ୟାୟାମ କରୁଛନ୍ତି । କେନ୍ଦୁଝର ସର୍କିଟ୍ ହାଉସ୍ ଛକରେ ନିର୍ମିତ ପରିବେଶ ଉଦ୍ୟାନରେ ପିଲାମାନଙ୍କ ଖେଳିବା ପାଇଁ ଅନେକ ସାଧନର ବ୍ୟବସ୍ଥା ରହିଛି ଓ ବୟସ୍କମାନଙ୍କ ନିମନ୍ତେ ମୁକ୍ତାକାଶ ଅବସର ବିନୋଦନ କେନ୍ଦ୍ର ରହିଛି । ସେହିପରି କେନ୍ଦୁଝର ହ୍ୟାଣ୍ଡବଲ୍ ଷ୍ଟାଡିୟମ୍ ପରିସର ପାର୍କ ଓ ନିକଟସ୍ଥ ବିଜୁ ପଟ୍ଟନାୟକ ସ୍ମାର୍ଟ ପାର୍କ ଏବେ ଫିଟନେସ ପ୍ରେମୀଙ୍କ ପ୍ରଥମ ପସନ୍ଦ ପାଲଟିଛି । ସହରର ଅନ୍ୟାନ୍ୟ ଭାଗ ଯଥା ପୁରୁଣା ସହର, ହାଟପଡ଼ିଆ, ସିଲୁଆଁ, ମଣ୍ଡୁଆ ଓ ବଡ଼ହଳ ଆଦି ସ୍ଥାନରେ ଥିବା ପାର୍କ ଗୁଡ଼ିକ ମଧ୍ୟ ପ୍ରତିଦିନ ସକାଳେ ଲୋକାରଣ୍ୟ ହୋଇପଡୁଛି । ଏ ସମ୍ପର୍କରେ ବିଜୁ ପଟ୍ଟନାୟକ ସ୍ମାର୍ଟ ପାର୍କରେ ଯୋଗ ଶିଖାଉଥିବା ଫିଟନେସ୍ ଟ୍ରେନର୍ ଇଂ.ହରମୋହନ ସୋରେନ କହନ୍ତି ଯେ, ଆଜିକାଲି ଲୋକମାନେ ଅଧିକ ସ୍ୱାସ୍ଥ୍ୟ ସଚେତନ ହୋଇଗଲେଣି । ଡାକ୍ତର ପାଖକୁ ଯିବା ଅପେକ୍ଷା ସମସ୍ତେ ବ୍ୟାୟାମ ଓ ଯୋଗାଭ୍ୟାସ କରିବାକୁ ପସନ୍ଦ କରୁଛନ୍ତି । ପାର୍କରେ ପ୍ରାକୃତିକ ବାତାବରଣ ମିଳୁଥିବାରୁ ଲୋକଙ୍କ ଭିଡ଼ ରହୁଛି ।

## ଦୁଇ ବାଇକ ଧକ୍କାରେ ୩ ଗୁରୁତର

**ହାଟଡ଼ିହୀ,୧୯।୧୨(ସମିସ):** ଆନନ୍ଦପୁର-ଭଦ୍ରକ ରାସ୍ତାର ଅଣା ଛକ ନିକଟରେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୩ଜଣ ଗୁରୁତର ହୋଇଛନ୍ତି । ଆହତ ତିନିଜଣଙ୍କ ମଧ୍ୟରୁ ଦୁଇଜଣଙ୍କ ଘର ଢେଙ୍କା ଅଞ୍ଚଳର ହୋଇଥିବା ବେଳେ ଅନ୍ୟ ଜଣଙ୍କ ପରିଚୟ ମିଳିପାରିନି । ଆହତମାନଙ୍କୁ ଉଦ୍ଧାର କରାଯାଇ ହାଟଡ଼ିହୀ ଡାକ୍ତରଖାନାକୁ ପଠାଯାଇଛି । ଢେଙ୍କା ଅଞ୍ଚଳର ୨ଜଣ ପିଲା ଦ୍ରୁତଗତିରେ କେନାଲ ରାସ୍ତାରେ ଆସି ପିଚୁ ରାସ୍ତାରେ ଯାଉଥିବା ଅନ୍ୟ ଜଣେ ବାଇକ୍ ଆରୋହୀଙ୍କୁ ଧକ୍କା ଦେବାରୁ ଏଭଳି ଦୁର୍ଘଟଣା ଘଟିଥିଲା ।

## ସତ୍ୟନାରାୟଣ ବିଦ୍ୟାପୀଠର ବାର୍ଷିକ କ୍ରୀଡ଼ା



**ଢେଙ୍କିକୋଟ,୧୯।୧୨(ସମିସ):** ଘଟଗାଁ ବ୍ଲକ ଅନ୍ତର୍ଗତ ଢେଙ୍କିକୋଟ ଠାରେ ଥିବା ବହୁପୁରାତନ ସତ୍ୟନାରାୟଣ ବିଦ୍ୟାପୀଠର ୪୦ତମ ବାର୍ଷିକକ୍ରୀଡ଼ାର ଆଜି ଉଦ୍‌ଘାଟିତ ହୋଇଯାଇଛି । ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଭାଗୀରଥି ପୃଷ୍ଟି, ମୁଖ୍ୟବ୍ୟକ୍ତା ଭାବେ ବରିଷ୍ଠ ସାମ୍ବାଦିକ ସଞ୍ଜୟ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମୂଲ୍ୟ କୁମାର ଦତ୍ତ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ ପ୍ରଧାନଶିକ୍ଷକ ଫକିର ଚରଣ ସାହୁ । ନିକଟବର୍ତ୍ତୀ ଶିବ ମନ୍ଦିରରୁ ଆସିଥିବା ମଶାଲକୁ ଯଥାମାନ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା ଓ ସାମୂହିକ ଶପଥ ପାଠ ଗ୍ରହଣ କରାଯାଇଥିଲା । ଖେଳ ଶିକ୍ଷକ ପ୍ରଶାନ୍ତ ମହାନ୍ତିଙ୍କ ସମେତ ବରିଷ୍ଠ ଶିକ୍ଷୟତ୍ରୀ ଦିପ୍ତିଶୋଭା ବେହେରା, ଦୀପାଞ୍ଜଳି ସେଠି ଓ ଅନ୍ୟାନ୍ୟ ଶିକ୍ଷକ ମାନେ ଖେଳ ପରିଚାଳନା କରିଥିଲେ ।

